## ଖଣ୍ଡ – ୩

## ଦ୍ରବ୍ୟ ଓ ସେବାର ଉତ୍ପାଦନ

୭. ଉତ୍ପାଦନ

୮. ପରିବେଷ୍ଟ ଓ ଆୟ

# ୭

# ଉତ୍ପାଦନ

ଆମ ଅଭାବ ପୂରଣପାଇଁ ଆମକୁ ବିଭିନ୍ନ ପ୍ରକାରର ଦ୍ରବ୍ୟ ଓ ସେବା ଉତ୍ପାଦନ କରିବାକୁ ପଡେ । ଦ୍ରବ୍ୟ ଓ ସାମଗ୍ରୀ କୃଷି ଜମି, କଳକାରଖାନା, ଶିଳ୍ପ ସଂସ୍ଥାରେ ଏବଂ ସେବାସବୁ ଦୋକାନ କାର୍ଯ୍ୟାଳୟ (ଅଫିସ), ଡାକ୍ତରଖାନା, ସ୍କୁଲ, କଲେଜ, ହୋଟେଲ, ବ୍ୟାଙ୍କ ଏବଂ ଅନ୍ୟାନ୍ୟ ବହୁ ସ୍ଥାନରେ ଉତ୍ପାଦିତ ହୁଏ । ଏକ ଅର୍ଥନୀତିରେ ଲକ୍ଷ ଲକ୍ଷ ଉତ୍ପାଦନ ସଂସ୍ଥା ଥାଆନ୍ତି ଯେଉଁ ମାନେ ଦ୍ରବ୍ୟ ଓ ସେବା ଉତ୍ପାଦନ କରନ୍ତି । ଉତ୍ପାଦନ ହେଉଛି ଉତ୍ପାଦନର ଚାରୋଟି ଉପାଦାନ, ଭୂମି, ଶ୍ରମ, ପୁଞ୍ଜି ଏବଂ ସଂଗଠନର ସମ୍ମିଳିତ ଫଳ । ଏହା ମଧ୍ୟ ସର୍ବୋତ୍କୃଷ୍ଟ ଉପଯୋଗର ରହସ୍ୟ ବା ଚାବିକାଠି । ଉତ୍ପାଦନ ଓ ଉପାଦାନ ମଧ୍ୟରେ ଥିବା ସଂପର୍କ ହିଁ ସ୍ଥିରକରେ ସମ୍ବଳର ସର୍ବୋତ୍କୃଷ୍ଟ ଉପଯୋଗ, ସର୍ବାଧିକ ସମ୍ଭବ ଉତ୍ପାଦନ ଓ ଉପାଦାନର ସ୍ତର ବୃଦ୍ଧି କରିବା ଆଦି ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟ ପାଠକଲେ ତୁମେ ଜାଣିପାରିବ-

- ଉତ୍ପାଦନ ପକ୍ରିୟା ସଂଜ୍ଞା ନିରୂପଣ କରିପାରିବ ।
- ଦ୍ରବ୍ୟ ଓ ସେବା ଉତ୍ପାଦନ ପାଇଁ ବ୍ୟବହାର କରାଯାଉଥିବା ବିଭିନ୍ନ ପଦ୍ଧତି ଓ ବୈଷୟିକ କୌଶଳକୁ ବିଶ୍ଳେଷଣ କରିପାରିବ ।
- ମୋଟ ଉତ୍ପାଦନ, ହାରାହାରି ଉତ୍ପାଦନ ଓ ସୀମାନ୍ତ ଉତ୍ପାଦନ ପରିଶବ୍ଦକୁ ଜାଣିପାରିବ ।
- କ୍ରମହ୍ରାସମାନ ସୀମାନ୍ତ ଉତ୍ପାଦନର ନିୟମ ବା ବିଧିକୁ ଜାଣିହେବ ।
- ଉତ୍ପାଦନ ପ୍ରକ୍ରିୟା ଏବଂ ଉତ୍ପାଦନ କାର୍ଯ୍ୟାକଳାପ କିପରି ସଂଗଠିତ ହୁଏ ତାହାକୁ ବ୍ୟାଖ୍ୟା କରିହେବ ।
- ଉତ୍ପାଦନର ଉପାଦାନ ଗୁଡିକର ଭୂମିକା କ'ଣ ଜାଣିପାରିବ ।
- ପ୍ରତିଷ୍ଠାନ ଗୁଡିକ ଏବଂ ଶିଳ୍ପର ଭୂମିକା ଓ ଗୁରୁତ୍ୱ କେତେ ବ୍ୟାଖ୍ୟା କରିହେବ ।
- ଗୋଟିଏ ଅର୍ଥନୀତିରେ ବିଭିନ୍ନ ପ୍ରକାରର ଉତ୍ପାଦକ ମାନଙ୍କୁ ଚିହ୍ନଟ କରିହେବ ।

## ୭.୧ ଉତ୍ପାଦନ ପ୍ରକ୍ରିୟାର ସଂଜ୍ଞା (Concept of Production Function)

ଉତ୍ପାଦନ କହିଲେ ପ୍ରୟୋଗ କରାଯାଉଥିବା ସମ୍ବଳର ଉତ୍ପାଦିତ ଅବସ୍ଥାକୁ ରୂପାନ୍ତରଣ/ ଯେଉଁ ସମ୍ବଳ, ଉତ୍ପାଦନରେ ବ୍ୟବହାର କରାଯାଏ ତାକୁ ଉପାଦାନ (input) କୁହାଯାଏ ଏବଂ ଯେଉଁ ସେବା ଓ ସାମଗ୍ରୀ

ଉତ୍ପାଦନ ହୁଏ ତାକୁ ଉତ୍ପାଦିତ (output) କୁହାଯାଇଥାଏ । ଉଦାହରଣ ସ୍ୱରୂପ ଧାନ (input) ଉତ୍ପାଦନ ପାଇଁ ଆମକୁ ଉପାଦାନ ବା (output) ରୂପେ କୃଷି, ଜମି, ବିହନ, ସାର, ହଳ, ଜଳ, କୀଟନାଶକ, ଡିଜେଲ ଟ୍ରାକ୍ଟର ଚଳାଇବା ପାଇଁ ଆବଶ୍ୟକ ପଡେ । ଏ ସମସ୍ତ ଉପାଦାନ ଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ପରିମାଣରେ ସମ୍ମିଶ୍ରଣ କଲେ ହିଁ କିଛି ପରିମାଣରେ ଚାଉଳ ଉତ୍ପାଦନ ହୋଇପାରିବ । ଉତ୍ପାଦନ ପ୍ରକ୍ରିୟାକରଣ ଗୋଟିଏ ସଂସ୍ଥାର ଉପାଦାନ ଓ ଉତ୍ପାଦିତ ମଧ୍ୟରେ ଥିବା ବୈଷୟିକ ସଂପର୍କକୁ ବୁଝାଏ । ଏହା ଆମକୁ ସୂଚାଇଥାଏ ଏକ ନିର୍ଦ୍ଦିଷ୍ଟ ପରିମାଣର ଉପାଦାନ (input) ସାହାଯ୍ୟରେ କିପରି ସର୍ବାଧିକ ପରିମାଣର ଉତ୍ପାଦିତ (output) ସମ୍ଭବ ହୋଇପାରିବ । ସଂକ୍ଷେପରେ କହିଲେ ଭୂମି, ଶ୍ରମ, ପୁଞ୍ଜି, ସଂଗଠନ ଏବଂ ଆବଶ୍ୟକ କଞ୍ଚାମାଲପରି ଉପାଦାନ ଗୁଡ଼ିକର ପ୍ରକ୍ରିୟା ହିଁ ସ୍ଥିର କରେ କେତେ ପରିମାଣ ଉତ୍ପାଦିତ ହେବ । ଉପାଦାନର ପରିମାଣ ଓ ଉତ୍ପାଦିତ ପରିମାଣ ମଧ୍ୟରେ ଏକ ପ୍ରତ୍ୟେକ୍ଷ ବା ସିଧାସଳଖ ସଂପର୍କ ଅଛି । ଉପାଦାନ କିଛି ବୃଦ୍ଧିପାଇଲେ ଉତ୍ପାଦିତ ମଧ୍ୟ କିଛି ପରିମାଣରେ ବୃଦ୍ଧିପାଇବ ଏବଂ ବିପରୀତଟି ମଧ୍ୟ ସମ୍ଭବ । ପ୍ରତ୍ୟେକ ଉତ୍ପାଦନକାରୀର ଲକ୍ଷ୍ୟ ଉତ୍ପାଦିତ ପରିମାଣକୁ ସର୍ବାଧିକ କରିବାପାଇଁ, ଏକ ନିର୍ଦ୍ଦିଷ୍ଟ ପରିମାଣର ଉପାଦାନକୁ ନେଇ । ଉପାଦାନ (input) ଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ଅନୁପାତରେ ସମ୍ମିଶ୍ରମ କରିବାକୁ ପଡିବ, ଏକ ନିର୍ଦ୍ଦିଷ୍ଟ କିସମ ଉତ୍ପାଦନ ପାଇଁ । ଗୋଟିଏ ଦରଜୀ ଦୋକାନ କଥା ନିଆଯାଉ, ଏହା ଏକ ମାଷ୍ଟର ଦରକାର କରେ ଯିଏ କପଡାକୁ ମାପ ଅନୁଯାୟୀ କାଟିବ ଏବଂ ପ୍ରତ୍ୟେକ ସିଲାଇମେସିନ୍ ପାଇଁ ଜଣେ ଲେଖାଏ ଦରକାର ଯିଏ କି ମାଷ୍ଟର ଦ୍ୱାରା କଟାଯାଇଥିବା କପଡାକୁ ସିଲାଇକରି ସାର୍ଟ ବା ପ୍ୟାଣ୍ଟ ତିଆରି କରିବେ । ଯଦି କାମ ଅଧିକା ଆସେ ତେବେ ଆଉ ଗୋଟିଏ ମେସିନ୍ ଓ ଆଉଜଣେ କାରିଗରକୁ ଅତିରିକ୍ତ ନିଆଯାଇପାରିବ କାମ କରିବା ପାଇଁ । ବୈଷୟିକ ଜ୍ଞାନ ବା ଉତ୍ପାଦନ କୌଶଳ, ଉପାଦାନର ଅନୁପାତକୁ ବୁଝାଏ ଯଦ୍ୱାରା ଏହା ମିଶ୍ରିତ ହୋଇ ଉତ୍ପାଦିତ ମିଳିଥାଏ । ଏଣୁ ଉତ୍ପାଦନ ପ୍ରକ୍ରିୟାକୁ ଏକ ବୈଷୟିକ ସଂପର୍କ ବୁଝାଯାଏ, ଯାହା ବିଭିନ୍ନ ପ୍ରକାର ଉପାଦାନ ସମ୍ମିଶ୍ରଣରୁ କିପରି ସର୍ବାଧିକ ଉତ୍ପାଦନ ହୋଇପାରିବ ତାର ସଂଜ୍ଞା ନିର୍ଦ୍ଧାରଣ କରେ ।

### ପାଠଗତ ପ୍ରଶ୍ନାବଳୀ ୭.୧

୧. ଉପାଦାନ (input) ର ସଂଜ୍ଞା ନିରୂପଣ କର ।

୨. ଉତ୍ପାଦିତ (output) ର ସଂଜ୍ଞା ନିରୁପଣ କର ।

୩. ଉତ୍ପାଦନ ପ୍ରକ୍ରିୟା କ'ଣ ବୁଝାଇ ଲେଖ ।

## ୭.୨ ଉତ୍ପାଦନର ବିଭିନ୍ନ କୌଶଳ

ଦ୍ରବ୍ୟ ଓ ସେବା ଏକାଧିକ ମାର୍ଗରେ ଉତ୍ପାଦନ କରାଯାଇପାରିବ । ଉଦାହରଣ ସ୍ୱରୂପ ଲୁଗା ଏହା (ହ୍ୟାଣ୍ଡଲୁମ୍) ହସ୍ତତନ୍ତ ବା କଳତନ୍ତ (ପାୱାରଲୁମ୍) ଦ୍ୱାରା ଉତ୍ପାଦନ କରାଯାଇପାରିବ । ପ୍ରଥମଟି ଶ୍ରମଭିତ୍ତିକ ଉତ୍ପାଦନ କୌଶଳ ଓ ଦ୍ୱିତୀୟଟି ପୁଞ୍ଜି ଭିତ୍ତିକ ଉତ୍ପାଦନ କୌଶଳ ଅଟେ ।

ଯେତେବେଳେ ଚାଷୀଟିଏ, କାଠ ଲଙ୍ଗଳ, ବଳଦ ଆଦି ଖାଦ୍ୟଶସ୍ୟ ଉତ୍ପାଦନରେ ବ୍ୟବହାର କରେ ସେ ଶ୍ରମଭିତ୍ତିକ ଉତ୍ପାଦନ କୌଶଳ ପ୍ରୟୋଗ କରେ ଅନ୍ୟ ଦିଗରେ ଯଦି ସେ ଟ୍ରାକ୍ଟର, ପମ୍ପସେଟ୍, ଅମଳ ଯନ୍ତ୍ର ଆଦି ପ୍ରୟୋଗ କରେ ତେବେ ସେ ପୁଞ୍ଜିଭିତ୍ତିକ ଉତ୍ପାଦନ କୌଶଳ ଗ୍ରହଣ କଲା । ଏହିପରି ଭାବେ ଉତ୍ପାଦନର କୌଶଳ ନିମ୍ନଲିଖିତ ମତେ ଦୁଇ ପ୍ରକାର ।

୧. ଶ୍ରମଭିତ୍ତିକ କୌଶଳ

୨. ପୁଞ୍ଜିଭିତ୍ତିକ କୌଶଳ

**ଶ୍ରମଭିତ୍ତିକ କୌଶଳ :** ଯେତେବେଳେ ଆମେ ଅଧିକ ଶ୍ରମିକ ଏବଂ କମ୍ ପୁଞ୍ଜି ବ୍ୟବହାର କରୁ । ପ୍ରତ୍ୟେକ ଏକକ ଉତ୍ପାଦନ ପାଇଁ ତାହାକୁ ଶ୍ରମଭିତ୍ତିକ କୌଶଳ ବୋଲି କୁହାଯିବ । ଏ ପ୍ରକାର କୌଶଳ କୁଟୀର ଶିଳ୍ପ ସଂସ୍ଥାରେ ବ୍ୟବହାର କରାଯାଏ ଅବା ଯେଉଁ ସଂସ୍ଥା ନିଜ ଉପଭୋଗ ପାଇଁ ଉତ୍ପାଦନ କରେ ବା କ୍ଷୁଦ୍ରଶିଳ୍ପ ସଂସ୍ଥା ଗୁଡିକରେ ଦେଖାଯାଏ ।

**ପୁଞ୍ଜିଭିତ୍ତିକ କୌଶଳ :** ଯେତେବେଳେ ଆମେ ପୁଞ୍ଜିର ଅଧିକା ବ୍ୟବହାର କରୁ ଓ ଦ୍ରବ୍ୟ ଉତ୍ପାଦନର ପ୍ରତ୍ୟେକ ଏକକ ପାଇଁ କମ ଶ୍ରମ ବ୍ୟବହାର କରୁ ତାକୁ ପୁଞ୍ଜିଭିତ୍ତିକ କୌଶଳ ବୋଲି କୁହାଯିବ । ଯେତେବେଳେ ଉତ୍ପାଦନ ବିପୁଳ ପରିମାଣରେ ହୋଇ ବଜାରକୁ ବିକ୍ରୀପାଇଁ ଯାଏ, ଲାଭ ଅର୍ଜନ କରିବାପାଇଁ, ସେତେବେଳେ ପୁଞ୍ଜିଭିତ୍ତିକ କୌଶଳ ବ୍ୟବହାର ହୋଇଥାଏ । ଏହି ପ୍ରକାରର କୌଶଳ ବୃହଦ୍ଶିଳ୍ପ କ୍ଷେତ୍ରରେ ବ୍ୟବହାର ହୁଏ ଓ ବଜାରରୁ ଅଧିକ ଲାଭ ପାଇଁକର୍ପୋରେଟ ସଂସ୍ଥା ଏବଂ ସରକାରୀ ସଂସ୍ଥା ଗୁଡିକରେ ସାଧାରଣତଃ ପୁଞ୍ଜିଭିତ୍ତିକ ଉତ୍ପାଦନ କୌଶଳ ପ୍ରୟୋଗ କରାଯାଏ କାରଣ ବିପୁଳ ପରିମାଣର ଦ୍ରବ୍ୟ ଓ ସେବା ଉତ୍ପନ୍ନ ପାଇଁ ।

ଉତ୍ପାଦନ ପ୍ରକିୟାର ଆଉ ଏକ ବିଭାବ ହେଉଛି ଶ୍ରମର ଶ୍ରେଣୀ ବିଭାଗ । ଶ୍ରମର ବିଭକ୍ତିକରଣ ଶ୍ରମିକର ଦକ୍ଷତା ବୃଦ୍ଧି କରିଥାଏ ଯାହା ଫଳରେ ବହୁ ପରିମାଣ ଉତ୍ପାଦନ ସମ୍ଭବ ହୋଇଥାଏ । ଶ୍ରମ ବିଭାଜନ ଅର୍ଥ, ଉତ୍ପାଦନ ପ୍ରକ୍ରିୟାକୁ ବିଭିନ୍ନ ପ୍ରକ୍ରିୟାରେ ପ୍ରକାରରେ ବିଭାଜିତ କରି ପ୍ରତ୍ୟେକ ପ୍ରକ୍ରିୟାକୁ ବିଭିନ୍ନ ଶ୍ରମିକଙ୍କୁ ସେମାନଙ୍କ ଦକ୍ଷତା ଓ ଆଗ୍ରହ ଅନୁଯାୟୀ ଦାୟୀତ୍ୱ ଦେବା । ଶ୍ରମବିଭାଜନ ନିମ୍ନଲିଖିତ ମତେ ଦୁଇଭାଗରେ ବିଭକ୍ତ ।

**୧. ଉତ୍ପାଦନ ଭିତ୍ତିକ ଶ୍ରମ ବିଭାଜନ :**

ଯଦି କୌଣସି ଶ୍ରମିକ ଗୋଟିଏ ବସ୍ତୁ/ସାମଗ୍ରୀ ବା ସେବାର ଉତ୍ପାଦନ କାର୍ଯ୍ୟରେ ବିଶେଷଜ୍ଞାନ ଅର୍ଜନ କରନ୍ତି ତେବେ ତାକୁ ଉତ୍ପାଦନ ଭିତ୍ତିକ ଶ୍ରମ ବିଭାଜନ କୁହାଯାଏ । ଏ କ୍ଷେତ୍ରରେ ଗାଁ ମାନଙ୍କରେ କ୍ଷୁଦ୍ରଚାଷୀ, ଜଣେ କୁମ୍ଭାର, ଗୋଟିଏ ମୋଚି ବା ଜଣେ ବଢ଼େଇ ଏମାନଙ୍କ କ୍ଷେତ୍ରରେ ଆମେ ଉତ୍ପାଦନ ଭିତ୍ତିକ ଶ୍ରମ ବିଭାଜନ ହୋଇଅଛି । ଭାରତ ପରି ବିକାଶନ୍ମୋଖୀ ଦେଶମାନଙ୍କରେ ଘରେ ଘରେ ଏପରି କୁଟୀର ଉଦ୍ୟୋଗ ଦେଖିବାକୁ ମିଳିଥାଏ । ଯେତେବେଳେ ଉତ୍ପାଦନ ନିଜ ଉପଭୋଗ ବା ସ୍ୱଉପଭୋଗ ଏବଂ ଅଳ୍ପ ପରିମାଣରେ ହୋଇଥାଏ ତାହାକୁ ଉତ୍ପାଦନ ଭିତ୍ତିକ ଶ୍ରମ ବିଭାଜନ କୁହାଯାଏ । ଉଦାହରଣ ସ୍ୱରୂପ ଆମ ଦେଶରେ ଅଧିକାଂଶ କୃଷକ ଖାଦ୍ୟଶସ୍ୟର ଉତ୍ପାଦନ ନିଜ ପାଇଁ କରନ୍ତି । ଏଇ ସମସ୍ତେ ଉତ୍ପାଦନ ଭିତ୍ତିକ ଶ୍ରମବିଭାଜନ ହିଁ କରିଥାନ୍ତି ।

୨. ପ୍ରକ୍ରିୟା ଭିତ୍ତିକ ଶ୍ରମବିଭାଜନ (ପ୍ରକ୍ରିୟାଭିତ୍ତିକ ଶ୍ରମ ବିଭାଜନ) (Process based Division of labour) କର୍ପୋରେଟ ସଂସ୍ଥା ବା ସରକାରୀ ଉଦ୍ୟୋଗ ପରି ବୃହତ୍ ଅନୁଷ୍ଠାନରେ, ଯେଉଁଠାରେ ଉତ୍ପାଦନ ବହୁତ ପରିମାଣରେ ହେଉଛି ସେଠାରେ ପ୍ରକ୍ରିୟା ଭିତ୍ତିକ ଶ୍ରମ ବିଭାଜନ ଦେଖାଦେଇଥାଏ ।ଏହି ପ୍ରକ୍ରିୟାଭିତ୍ତିକ ଶ୍ରମ ବିଭାଜନରେ ଗୋଟିଏ ନିର୍ଦ୍ଦିଷ୍ଟ ବସ୍ତୁର ଉତ୍ପାଦନ ବିଭିନ୍ନ ପ୍ରକିୟାରେ ବିଭାଜିତ, ଜଣେ ଶ୍ରମିକ ଗୋଟିଏ ବା ଦୁଇଟି ପ୍ରକ୍ରିୟାରେ ବିଶେଷ ଜ୍ଞାନ ଅର୍ଜନ କରିଥାଏ, ଏହାକୁ କୁହାଯାଏ ପ୍ରକ୍ରିୟା ଭିତ୍ତିକ ଶ୍ରମ ବିଭାଜନ । ଉଦାହରଣ ସ୍ୱରୂପ ବ୍ରିଟାନିଆ ରୁଟି କାରଖାନା ପାଉଁରୁଟି ତିଆରି କରିବା । ପାଉଁରୁଟି ତିଆରି ପାଇଁ କଞ୍ଚାମାଲ ହେଉଛି ଗହମ, ଅଟା ଓ ମଇଦା । ଅଟା ବା ମଇଦାକୁ ପାଉଁରୁଟିରେ ରୂପାନ୍ତରିତ କରିବାକୁ ହେଲେ ତିନୋଟି ବା ଚାରୋଟି ପ୍ରକିୟା ଦରକାର । ମଇଦା ବା ଅଟାକୁ ଚକଟି ନରମ କରାଯାଏ ଯେଉଁ ଚକଟା ମଇଦାକୁ ବିଭିନ୍ନ ଛାଞ୍ଚରେ ପକାଇ ପାଉଁରୁଟି ବା ଅନ୍ୟାନ୍ୟ ସାମଗ୍ରୀ ଉତ୍ପାଦିତ ହୁଏ । ଏଇ ଛାଞ୍ଚ ଗୁଡିକୁ ଭାଟିରେ ପୋଡାଯାଇଥାଏ । ଏଇ ପୋଡାଯାଇଥିବା ପାଉଁରୁଟି ବିଭିନ୍ନ ସାଇଜରେ କଟାଯାଇ ପ୍ୟାକିଂ ହୋଇଥାଏ । ଏ ସମସ୍ତ ପ୍ରକ୍ରିୟା ଯାହା ପାଉଁରୁଟି ତିଆରିରେ ଆବଶ୍ୟକ ବିଭିନ୍ନ ଶ୍ରମିକଙ୍କ ଦ୍ୱାରା ହୋଇଥାଏ, କେହି କହିପାରିବନି ଯେ, ପାଉଁରୁଟି ତାଙ୍କ ଦ୍ୱାରା ହୋଇଛି ବୋଲି । ସେ ଅତିବେଶିରେ କହିପାରିବ ଯେ ସେ ଗୋଟିଏ ବା ଦୁଇଟି ପ୍ରକ୍ରିୟାରେ ସାମିଲ ରୁଟି ତିଆରି ପାଇଁ ।

ସରକାରୀ ପ୍ରକ୍ରିୟାରେ ମଧ୍ୟ ଗୋଟିଏ ନିର୍ଦ୍ଦିଷ୍ଟ ଦ୍ରବ୍ୟ ଓ ସେବାର ଯୋଗାଣ ପ୍ରକ୍ରିୟାଭିତ୍ତିକ ଶ୍ରମ ବିଭାଜନ ଉପରେ ନିର୍ଭରଶୀଳ । ଉଦାହରଣ ସ୍ୱରୂପ ରାସ୍ତା ଆଲୋକୀକରଣ କଥା ନିଆଯାଉ ଗୋଟିଏ ନୂଆ ତିଆରି ହୋଇଥିବା ଗୋଷ୍ଠୀ ଆବାସସ୍ଥଳୀ । ଏହା ବିଭିନ୍ନ ପ୍ରକ୍ରିୟାରେ ହୋଇଥାଏ । ପ୍ରଥମେ ବିଦ୍ୟୁତ ଖୁଣ୍ଟି ଗୁଡିକ ରାସ୍ତାରେ ପୋତାଯାଏ । ଦ୍ୱିତୀୟରେ ସବୁଖୁଣ୍ଟି ଗୁଡିକରେ ତାର ଟଣାଯାଏ । ତୃତୀୟରେ ଟ୍ୟୁବଲାଇଟ୍ ଓ ବଲବ୍ ଖଞ୍ଜାଯାଏ ଏବଂ ଶେଷରେ ସବ୍‌ଷ୍ଟେସନରୁ ବିଦ୍ୟୁତ ଯୋଗାଇ ଦିଆଯାଏ । ଏ ସମସ୍ତ ପ୍ରକ୍ରିୟାଗୁଡିକ ବିଭିନ୍ନ ଶ୍ରମିକଙ୍କ ଦ୍ୱାରା ହୋଇଥାଏ । ବ୍ୟବସ୍ଥାର କାର୍ଯ୍ୟକାରିତାର ଯଦି କୌଣସି ଅସୁବିଧା ଦେଖାଦିଏ ଆଉ ଗୋଟିଏ ଦଳ ଶ୍ରମିକ ଯେଉଁମାନେ ରକ୍ଷଣାବେକ୍ଷଣ ଦାୟୀତ୍ୱରେ ଥାଆନ୍ତି ସେମାନେ ବ୍ୟବସ୍ଥାକୁ ପୁଣି ଶୃଙ୍ଖଳିତ କରନ୍ତି ।

ଶ୍ରମ ବିଭାଜନ ଶ୍ରମିକଙ୍କ ଦକ୍ଷତା ବୃଦ୍ଧିକରାଏ ଏବଂ ଉଦ୍ଭାବନ ଓ ଆବିଷ୍କାରର ସମ୍ଭାବନା ଆଣିଥାଏ କାରଣ କାମଟି ବାରମ୍ବାର କରୁଥିବା ହେତୁ । ଶାରୀରିକ ଶ୍ରମ ପ୍ରତିବଦଳରେ ଏହା ଯନ୍ତ୍ରପାତି ବ୍ୟବହାରକୁ ପ୍ରୋତ୍ସାହିତ କରେ । ଏହାମଧ୍ୟ ପୁଞ୍ଜିଭିତ୍ତିକ କୌଶଳ ଉତ୍ପାଦନରେ ବ୍ୟବହାର ପାଇଁ ପ୍ରେରଣା ଦିଏ ।

### ପାଠଗତ ପ୍ରଶ୍ନାବଳୀ ୭.୨

୧. ଶ୍ରମଭିତ୍ତିକ କୌଶଳ କ'ଣ ବାଖ୍ୟାକର ?

୨. ପୁଞ୍ଜିଭିତ୍ତିକ କୌଶଳ କ'ଣ ବାଖ୍ୟା କର ?

୩. ଉତ୍ପାଦନ ଭିତ୍ତିକ ଓ ପ୍ରକ୍ରିୟା ଭିତ୍ତିକ ଶ୍ରମ ବିଭାଜନର ଗୋଟିଏ ଲେଖାଏଁ ଉଦାହରଣ ଦିଅ ?

## ୭.୩ ମୋଟ ଉତ୍ପାଦ, ହାରାହାରି ଉତ୍ପାଦ ଓ ସୀମାନ୍ତ ଉତ୍ପାଦ

ଗୋଟିଏ ସାମଗ୍ରୀର ଉତ୍ପାଦନ ନେଇ ଆମେ ତିନୋଟି ସଂଜ୍ଞା ନିରୁପଣ କରୁଛେ ମୋଟଉତ୍ପାଦ, ହାରାହାରି ଉତ୍ପାଦ ଏବଂ ସୀମାନ୍ତ ଉତ୍ପାଦ । ସାଙ୍କେତିକ ଭାବେ ଆମେ ଏହାକୁ ଯଥାକ୍ରମେ "ସଉ(TP)" "ହାଉ(AP)" ଏବଂ "ସୀଉ(MP)" ରୂପେ ଏବେଠାରୁ ଗ୍ରହଣ କରିବା ।

**୧. ମୋଟ ଉତ୍ପାଦ :** (*Total Product*) ଏହା ଗୋଟିଏ ସାମଗ୍ରୀର ସମୁଦାୟ ଉତ୍ପାଦନର ପରିମାଣ କଥା କୁହେ କିନ୍ତୁ ଏକ ନିର୍ଦ୍ଦିଷ୍ଟ ଉପାଦାନ (input) ଯଥା ଶ୍ରମର ବିନିଯୋଗର ସ୍ତର ନେଇ ସ୍ଥିରୀକୃତ ହୋଇଥାଏ । ଯେତେବେଳେ ଅନ୍ୟାନ୍ୟ ଉପାଦାନ (input) ସ୍ଥିର ଥାଏ ବା ବଦଳିନଥାଏ । ସଉ(TP) କୁ ହ୍ରାସ ଅବା ବୃଦ୍ଧି କରାଯାଇପାରିବ ଉତ୍ପାଦନରେ ବ୍ୟବହୃତ ଉପାଦାନ (output) ଶ୍ରମକୁ ହ୍ରାସ ବା ବୃଦ୍ଧିକରି । ଏଣୁ ସମୁଦାୟ ବା ମୋଟ ଉତ୍ପାଦର ଉତ୍ପାଦନର ପରିମାଣ ସିଧାସଳଖ ଭାବେ କେତେ ଶ୍ରମଶକ୍ତି ବିନିଯୋଗ ହୋଇଛି ତାଉପରେ ନିର୍ଭରଶୀଳ । ଯେହେତୁ ଏହା ପରିବର୍ତ୍ତନ ସାପେକ୍ଷ ଶ୍ରମକୁ ପରିବର୍ତ୍ତନଶୀଳ ଉପାଦାନ ବୋଲି କୁହାଯାଏ ।

**୨. ହାରାହାରି ଉତ୍ପାଦ:** (Average Product) ଏହା ପ୍ରତି ଏକକ ପରିବର୍ତ୍ତନଶୀଳ ଉପାଦାନ (ଶ୍ରମ)ର ବିନିଯୋଗ ଦ୍ୱାରା ହେଉଥିବା ଉତ୍ପାଦନକୁ ବୁଝାଏ । ଏହାକୁ ଆମେ ପାଇବା ସମୁଦାୟ ଉତ୍ପାଦନକୁ କୌଣସି ଏକ ପରିବର୍ତ୍ତନଶୀଳ ଉପାଦାନର ବିନିଯୋଗ ପରିମାଣ ଦ୍ୱାରା ବିଭାଜନକରି ବାହାରି କରାଯାଏ । ହାରାହାରି ଉତ୍ପାଦ = $AP = \frac{TP}{L}$
ଏଠାରେ ଶ୍ରମ ($L$) ସମୁଦାୟ ଶ୍ରମିକଙ୍କ ସଂଖ୍ୟାକୁ ସୂଚୀତ କରୁଅଛି ।

**୩. "ସୀମାନ୍ତ ଉତ୍ପାଦ"** (Marginal Production)
ଉତ୍ପାଦନର ଅନ୍ୟାନ୍ୟ ଉପାଦାନକୁ ସ୍ଥିର ରଖି କୌଣସି ଗୋଟିଏ ଉପାଦାନର ଅତିରିକ୍ତ ଏକକକୁ ଯୋଡିଲେ ମୋଟ ଉତ୍ପାଦରେ ହ୍ରାସ ବା ବୃଦ୍ଧିପରି ଫଳାଫଳ ଦେଖାଦେଲେ ତାହାକୁ ସୀମାନ୍ତ ଉତ୍ପାଦ





କୁହାଯାଏ । ମୋଟ ଉତ୍ପାଦ ବୃଦ୍ଧିକରିବା ପାଇଁ ଆମକୁ ଶ୍ରମିକ ସଂଖ୍ୟାରେ ଏକ ବା ତତୋଧିକ ବୃଦ୍ଧି କରିବାକୁ ପଡିବ । ସବୁଠାରୁ କମ ଶ୍ରମଶକ୍ତି ବୃଦ୍ଧି କହିଲେ ଆମେ ଜଣେ ମାତ୍ର ଶ୍ରମିକର ସଂଖ୍ୟା ବୃଦ୍ଧିକରିପାରିବା । ଯେହେତୁ ସୀମାନ୍ତ (marginal) କହିଲେ ସବୁଠୁ କମ୍‌କୁ ବୁଝାଏ (MP) ବା ସୀମାନ୍ତ ଉତ୍ପାଦ ଏଣୁ ସର୍ବଶେଷ ଶ୍ରମିକର ଉତ୍ପାଦନରେ ଅବଦାନକୁ ବୁଝାଇବ ।

ସୀମାନ୍ତ ଉତ୍ପାଦ(ସୀ:ଉ:)=ସ:ଉ(ସମୁଦାୟ ଉତ୍ପାଦ$_{L}$)-ସମୁଦାୟ ଉତ୍ପାଦ$_{L-1}$ $(MP = TP_L - TP_{L-1})$

ଏକ ଅତିରିକ୍ତ ଶ୍ରମିକର ଉତ୍ପାଦରେ ବୃଦ୍ଧି ଘଟିଲେ ମୋଟ ଉତ୍ପାଦରେ ଯେଉଁ ବୃଦ୍ଧିଘଟେ ତାକୁ ସୀମାନ୍ତ ଉତ୍ପାଦ କୁହାଯାଏ ।

*ଉଦାହରଣ :*

ଜଣେ ଶ୍ରମିକ ଗୋଟିଏ ସିଲାଇ ମେସିନ୍‌ରେ ଦୁଇଟି ସାର୍ଟ ସିଲାଇକରେ । ଆଉ ଜଣେ ଶ୍ରମିକ ଯୋଗଦେଲେ ଦୁଇଜଣ ମିଶି ଛଅଟି (୬) ଟି ସାର୍ଟ ସିଲାଇ କରିପାରିବେ । ସୀମାନ୍ତ ଉତ୍ପାଦନ ବାହାରକର ।

ଉତ୍ତର : ସୀମାନ୍ତ ଉତ୍ପାଦନ =ସ.ଉ$_{୨}$ – ସ.ଉ$_{୨-୧}$ = ସା.ଉ$_{୨}$ – ସା.ଉ$_{୨-୧}$ = ୬ - ୨ =୪

$(TP_2 - TP_{2-1} = TP_2 - TP_{2-1} = 6 - 2 = 4)$

ଶ୍ରମହେଉଛି ସମୁଦାୟ ଶ୍ରମିକଙ୍କ ନିଯୁକ୍ତିର ସଂଖ୍ୟା ବା ପରିବର୍ତ୍ତନଶୀଳ ଉପାଦାନର ଅବଦାନ । ଯୋଗଦାନ = ଶ୍ରମ । ସଂଖ୍ୟାରେ ଏହା ଏହିପରି ୦,୧,୨ , ୩, ୪ , ୫, ୬, ୭, ୮, ୯, ଏବଂ ଏହିପରି $L = 0$ ଅର୍ଥାତ୍

ଶ୍ରମ = ୦ ସେହିଠାରେ ଯେଉଁଠାରେ ଆଦୌ ଶ୍ରମିକ ନିଯୁକ୍ତି ଦିଆଯାଇନାହିଁ ।

ଶ୍ରମ = ୧ ହେଉଛି ପୂର୍ବରୁ ନିଯୁକ୍ତି ପାଇଥିବା ଶ୍ରମିକ ବା ନିଯୁକ୍ତିର ସ୍ତର ବା "ଶ୍ରମ" L

ଉଦାହରଣ ଯଦି ଶ୍ରମ =୩ ତେବେ ଶ୍ରମ-୧=୨ ଏହି ପରି ଅନ୍ୟସବୁ

ମୋଟ ଉତ୍ପାଦ, ହାରାହାରି ଉତ୍ପାଦ ଓ ସୀମାନ୍ତ ଉତ୍ପାଦ ପରି ତିନୋଟି ସଂଜ୍ଞା ଜାଣିବା ପାଇଁ ଆମେ କେତେଗୁଡିଏ ସଂଖ୍ୟାର ଉଦାହରଣ ନିମ୍ନଲିଖିତ ସାରଣୀରେ ନେଇଛେ ।

**ସାରଣୀ - ୯.୧ ମୋଟ ଉତ୍ପାଦ, ହାରାହାରି ଉତ୍ପାଦ ଓ ସୀମାନ୍ତ ଉତ୍ପାଦ**

| ଶ୍ରମିକଙ୍କ ଏକକ (ଶ୍ରମ) | ମୋଟ ଉତ୍ପାଦ ଏକକ (TP) | ହାରାହାରି ଉତ୍ପାଦ ର ଏକକ (AP) | ସୀମାନ୍ତ ଉତ୍ପାଦର ଏକକ (MP) |
|---|---|---|---|
| ୦ | ୦ | - | - |
| ୧ | ୧୦ | ୧୦ | ୧୦ |
| ୨ | ୨୨ | ୧୧ | ୧୨ |
| ୩ | ୩୬ | ୧୨ | ୧୪ |
| ୪ | ୪୪ | ୧୧ | ୮ |
| ୫ | ୫୦ | ୧୦ | ୬ |
| ୬ | ୫୪ | ୯ | ୪ |
| ୭ | ୫୬ | ୮ | ୨ |
| ୮ | ୫୬ | ୭ | ୦ |
| ୯ | ୫୪ | ୬ | -୨ |
| ୧୦ | ୫୦ | ୫ | -୪ |

ଉପରୋକ୍ତ ସାରଣୀ ଶ୍ରମର ଏକକ ୦,୧,୨ , ୩, ୪ , ୫, ୬, ୭, ୮, ୯, ଏବଂ ୧୦ ଦର୍ଶାଯାଇଛି ଯେତେବେଳେ ଶ୍ରମ = ୧ ଅର୍ଥାତ୍ ଶ୍ରମିକଙ୍କ ସଂଖ୍ୟା ବା ଶ୍ରମିକଙ୍କ ନିଯୁକ୍ତି ଏକ (୧) ଅଟେ । ଏହି ସ୍ତରରେ ସା:ଉ: ସମୁଦାୟ ଉତ୍ପାଦନ = ୧୦ ।

ଆମେ ଜାଣୁ ଯେ ହାରାହାରି ଉତ୍ପାଦ = $\frac{\text{ମୋଟ ଉତ୍ପାଦ}}{\text{ଶ୍ରମ}} = \frac{୧୦}{୧} = ୧୦$

ଯେତେବେଳେ ଶ୍ରମ = ୨ $TP$ = ୨୨ ଏଣୁ $AP$ = ୨୨/୨ = ୧୧

ଯେତେବେଳେ ଶ୍ରମ = ୯ $TP$ = ୫୪ ଏଣୁ ଏହାର $AP$ =୫୪/୯ = ୬

ବର୍ତ୍ତମାନ ସୀମାନ୍ତ ଉତ୍ପାଦ $MP = TP_L - TP_{L-1}$ ସୀ:ଉ: = ସ:ଉ$_{\text{ଶ୍ର}}$: - ସ:ଉ$_{\text{ଶ୍ର}-୧}$ ଅଟେ । ବର୍ତ୍ତମାନ ସୀମାନ୍ତ ଉତ୍ପାଦ ହିସାବ କରାଯାଉ । ସୀମାନ୍ତ ଉତ୍ପାଦ ଏକ ଏକକ ଶ୍ରମ ସହିତ ୧ ବା ସୀ:ଉ ଏକ ଏକକ ଶ୍ରମ = ୧ । ଏଠାରେ ମୋଟ ଉତ୍ପାଦ ଶ୍ରମ ଅର୍ଥ , ସମୁଦାୟ ଉତ୍ପାଦନ ର ମୂଲ୍ୟ ଏକ ଏକକ ଶ୍ରମରେ ୧ ଅଟେ ସ:ଉ: ଶ୍ରମ = ୧ ଯାହାକି ୧୦ ଅଟେ । ଶ୍ରମ -୧ ପୂର୍ବରୁ ନିୟୋଜିତ ହୋଇଥିବା ଶ୍ରମିକଙ୍କ ସଂପର୍କରେ ସୂଚାଏ । ଯେହେତୁ ଶ୍ରମ - ୧=୧-୧=୦, ମୋଟ ଉତ୍ପାଦର ଶ୍ରମ - ୧ ମୋ.ଉର ମୂଲ୍ୟ ୦ (ଶୁନ) ଅର୍ଥ ହେଉଛି ଆଉ ନିଯୁକ୍ତି ନୁହେଁ । ଉପରୋକ୍ତ ସାରଣୀରେ ୦ ଶ୍ରମିକ ଏକକରେ ମୋ.ଉ = ୦ ଏଣୁ ମୋ:ଉ =ମୋ:ଉ: - ୧ = ୧୦ - ୦ = ୧୦ । ଅର୍ଥାତ୍ ଶ୍ରମର ଏକକ ୧ ବେଳେ ସୀମାନ୍ତ ଉତ୍ପାଦନ (ସୀ:ଉ) ୧୦ ଅଟେ ।

ଠିକ୍ ସେହିପରି ଯେତେବେଳେ ୮ଜଣ ଶ୍ରମିକ ବିନିଯୁକ୍ତ ସୀ:ଉ: = ସ.ଉ$_{୮}$–ସ.ଉ$_{୮-୧}$=ସ.ଉ$_{୮}$–ସ.ଉ$_{୭}$=୫୬ – ୫୬ = ୦

ଯେହେତୁ ସୀମାନ୍ତ ଉତ୍ପାଦ ସୀ.ଉ. ଦୁଇଟି ଲାଗିଲାଗି ହୋଇଥିବା ମୋ.ଉ. ର ଅନ୍ତର ବା ତାରତମ୍ୟ ଅଟେ ଏହା ବିଯୁକ୍ତ ମଧ ହୋଇପାରେ । ଉପରଲିଖିତ ସାରଣୀରେ ସୀମାନ୍ତ ଉତ୍ପାଦ (ସୀ.ଉ.) ୯ଟି ଶ୍ରମିକ ବେଳେ - ୩ ବା ବିଯୁକ୍ତ ୩ ଅଟେ । ଏହା ଆମେ ପାଇଲେ ମୋ.ଉ. ୯ - ମୋ.ଉ. ୯-୧ = ସ.ଉ. ୯ - ସ.ଉ. ୮ = ୫୪-୫୬=-୨ ( ବିଯୁକ୍ତ ଅଟେ) ।

### ପାଠଗତ ପ୍ରଶ୍ନାବଳୀ ୭.୩

୧. ସୀମାନ୍ତ ଉତ୍ପାଦନ ସଂଜ୍ଞା ନିରୂପଣ କର ।

୨. ନିମ୍ନଲିଖିତ ସାରଣୀ ସାହାଯ୍ୟରେ ସୀମାନ୍ତ ଉତ୍ପାଦ ଓ ହାରାହାରି ଉତ୍ପାଦ ହିସାବ କର ।

| ଶ୍ରମିକ ଏକକ (ଶ୍ରମ) | ମୋ.ଉ. ମୋଟ ଉତ୍ପାଦ | ସୀ.ଉ.ସୀମାନ୍ତ ଉତ୍ପାଦ | ହା.ଉ.ହାରାହାରି ଉତ୍ପାଦ |
|---|---|---|---|
| ୦ | ୦ | | |
| ୧ | ୧୦ | | |
| ୨ | ୧୮ | | |
| ୩ | ୨୪ | | |
| ୪ | ୨୮ | | |
| ୫ | ୩୦ | | |
| ୬ | ୨୪ | | |

## ୭.୪ ଶ୍ରମର କ୍ରମହ୍ରାସମାନ ସୀମାନ୍ତ ଉତ୍ପାଦର ସୂତ୍ର

ବର୍ତ୍ତମାନ ସାରଣୀ ୭:୧ରେ ପ୍ରତି ଏକକ ଶ୍ରମର ସୀମାନ୍ତ ଉତ୍ପାଦ ମୂଲ୍ୟ ଦେଖାଯାଉ । ଶ୍ରମର ଏକକ ବଢ଼ିବା ସହିତ ୧ ଠାରୁ ୩ ପର୍ଯ୍ୟନ୍ତ ପ୍ରତିଟି ଏକକରେ ସୀମାନ୍ତ ଉତ୍ପାଦ ମୂଲ୍ୟ ବୃଦ୍ଧିପାଇଛି ।

ତାହା ୧୦ ଯେତେବେଳେ ଶ୍ରମ ୧, ତାହା ୧୨ ଯେତେବେଳେ ଶ୍ରମ ୨, ତାହା ୧୪ ଯେତେବେଳେ ଶ୍ରମ ୩, ତାପରେ ସୀମାନ୍ତ ଉତ୍ପାଦ ହ୍ରାସପାଇଛି ପରବର୍ତ୍ତୀ ୪ଟି ଏକକ ଶ୍ରମ ସହିତ । ତାହା ୧୪ ଯେତେବେଳେ ଶ୍ରମ ୩, ତାହା ୮ ଯେତେବେଳେ ଶ୍ରମ ୪, ତାହା ୬

ଯେତେବେଳେ ଶ୍ରମ ୫, ତାହା ୪ ଯେତେବେଳେ ଶ୍ରମ ୬, ତାହା ୨ ଯେତେବେଳେ ଶ୍ରମ ୭ ତାହା ୦ ଯେତେବେଳେ ଶ୍ରମ ୮

ଏବଂ ଶେଷରେ ସୀମାନ୍ତ ଉତ୍ପାଦ ଋଣାତ୍ମକ (–) ଯେତେବେଳେ ଶ୍ରମ ୯ ଅଟେ । ଅନ୍ୟ ଅର୍ଥରେ କହିଲେ କିଛି ସମୟ ପର୍ଯ୍ୟନ୍ତ ସୀମାନ୍ତ ଉତ୍ପାଦ ଅସ୍ଥାୟୀଭାବେ ବୃଦ୍ଧିପାଇ ତାପରେ ହ୍ରାସପାଏ । ସାଧାରଣଭାବେ ଆମେ ଏହା କହିବା ଯେ, ଅନ୍ୟାନ୍ୟ ଉପାଦାନକୁ ସ୍ଥିରରଖି ଆମେ ଯଦି ପରିବର୍ତ୍ତନୀୟ ଉପାଦାନ ଶ୍ରମକୁ ବୃଦ୍ଧିକରି ଚାଲିବା ତେବେ ପ୍ରଥମେ ପ୍ରଥମେ ଶ୍ରମର (ଶ୍ରମିକର) ସୀମାନ୍ତ ଉତ୍ପାଦ ( $MP$ ) ଏକ ନିର୍ଦ୍ଦିଷ୍ଟ ସ୍ତର ପର୍ଯ୍ୟନ୍ତ ବୃଦ୍ଧିପାଇବ, କିନ୍ତୁ ତାହାପରେ ହ୍ରାସପାଇ ଏହା ବିଯୁକ୍ତାତ୍ମକ ( ଋଣାତ୍ମକ) ହୋଇଯିବ । ଏହାକୁ ହିଁ ଆମର ପରିଚିତ ଶ୍ରମର କ୍ରମହ୍ରାସମାନ ସୀମାନ୍ତ ଉତ୍ପାଦନ ସୂତ୍ର" କୁହାଯାଏ ବା କ୍ରମହ୍ରାସମାନ ପରିବର୍ତ୍ତନୀୟ ଅନୁପାତ ସୂତ୍ର କୁହାଯାଏ ।

ଏଇ ସୂତ୍ର ବା ନିୟମକୁ ଠିକ୍ ଭାବେ ଜାଣିବାକୁ ହେଲେ ପ୍ରଥମେ ଧରି ନିଆଯାଉ ଯେ ଉତ୍ପାଦନର ଦୁଇଟି ଉପାଦାନ ଅଛି । ଶ୍ରମ ଓ ପୁଞ୍ଜି, ଯେଉଁଠାରେ ପୁଞ୍ଜି, କଳଯନ୍ତ୍ର ରୂପେ ବିଦ୍ୟମାନ । ଧରନ୍ତୁ ଶ୍ରମ ସେଠାରେ ପରିବର୍ତ୍ତନୀୟ ଉପାଦାନ ଯାହାକୁ ବୃଦ୍ଧିକରି ଉପାଦାନକୁ ବୃଦ୍ଧି କରାଯାଇପାରିବ ଏବଂ ପୁଞ୍ଜି ସେଠାରେ ଏକ ସ୍ଥିର ଉପାଦାନ ଯାହାକୁ ଅପରିବର୍ତ୍ତିତ ରଖାଯାଇଛି । ପ୍ରଥମରୁ ଜଣେ ମାତ୍ର ଶ୍ରମିକ କାମ କରୁଛି । ହୁଏତ ଏହା ହୋଇପାରେ ଜଣେ ମାତ୍ର ଶ୍ରମିକ ଯଥେଷ୍ଟ ନୁହେଁ ଯନ୍ତ୍ର ବା କଳଟିକୁ ପୂର୍ଣ୍ଣ ଦକ୍ଷତା ସହିତ ଉପଯୋଗ କରିବାକୁ । ଏଣୁ ଶ୍ରମିକକୁ ପ୍ରଥମେ ଦୁଇ ଓ ପରେ ତିନିକୁ ବୃଦ୍ଧି କରାଗଲା । ପ୍ରାରମ୍ଭରୁ ଆମେ ଯେତେବେଳେ ଶ୍ରମକୁ ବୃଦ୍ଧିକଲେ ଏହା ସଫଳ ହେଲା କାରଣ ଶ୍ରମିକମାନେ ବିଭିନ୍ନ ପ୍ରକାରର କାମକୁ ସଫଳତାର ସହିତ କରିପାରିଲେ ସେମାନଙ୍କ ଦକ୍ଷତା ଓ ପସନ୍ଦ ଅନୁଯାୟୀ । ଫଳରେ ପ୍ରତ୍ୟେକ ଅତିରିକ୍ତ ଶ୍ରମିକ ସହିତ ଉତ୍ପାଦନ ବୃଦ୍ଧି ପାଇଲା । କିନ୍ତୁ ଗୋଟିଏ ସୀମା ଅଛି ଯେଉଁ ପର୍ଯ୍ୟନ୍ତ ଆମେ ଶ୍ରମିକ ସଂଖ୍ୟାରେ (ଶ୍ରମ)ରେ ବୃଦ୍ଧି କରିପାରିବା, ହୁଏତ ଆମକୁ ଆଉ ଗୋଟେ କଳ ବା ଯନ୍ତ୍ର ଆବଶ୍ୟକ ପଡିବ । କିନ୍ତୁ କଳ (ଯନ୍ତ୍ର) ଏକ ସ୍ଥାୟୀ ( ସ୍ଥିର) ଉପାଦାନ ଯାହାକୁ ହଠାତ୍ ବଢ଼ା ବା କମାଯାଇ ପାରିବନି । ଏଣୁ ଫଳସ୍ୱରୂପ ଏହା ଯେ ଶ୍ରମପରି ପରିବର୍ତ୍ତନୀୟ ଉପାଦାନକୁ ବୃଦ୍ଧିକରି ହିଁ କେବଳ ଆମେ କଳକୁ ଯଥେଷ୍ଟ ବ୍ୟବହାର କରିପାରିବା । ଏହା ମଧ୍ୟ ସତ୍ୟ ଯେ, ଗୋଟିଏ କଳର କାମ ଅତିରିକ୍ତ ଶ୍ରମିକଙ୍କ ଦ୍ୱାରା ସମ୍ଭବ ନୁହେଁ । ଏଣୁ ପ୍ରତିଟି ଅତିରିକ୍ତ ଶ୍ରମ ଶକ୍ତିର ଏକକର ଉତ୍ପାଦନ (ସୀମାନ୍ତ ଉତ୍ପାଦ) ଏକ ନିର୍ଦ୍ଦିଷ୍ଟ ବିନ୍ଦୁପରେ ହ୍ରାସ ପାଇବ ।

ଏକ ନିର୍ଦ୍ଦିଷ୍ଟ ପ୍ରଶ୍ନ ଏଠାରେ ଆସିବ । କେଉଁ ସ୍ତର ପର୍ଯ୍ୟନ୍ତ ପରିବର୍ତ୍ତନୀୟ ଉପାଦାନକୁ ବୃଦ୍ଧି କରାଯାଇପାରିବ ବା ବିନିଯୋଗ କରାଯିବ । ଏହାର ଉତ୍ତର ପାଇବାକୁ ହେଲେ ସାରଣୀ ୯.୧କୁ ଆଉଥରେ ଦେଖ । ଦେଖ ଯେ ଯେତେବେଳେ ଶ୍ରମକୁ ବୃଦ୍ଧିକରାଯାଇ ୯କୁ ଅଣାଯାଇଛି । ସେତେବେଳେ ସୀମାନ୍ତ ଉତ୍ପାଦ (MP)ଋଣାତ୍ମକ ହେବା ଆରମ୍ଭ କରିଛି । ନବମ ଶ୍ରମିକର ନିଯୁକ୍ତିରେ ସୀମାନ୍ତ ଉତ୍ପାଦ ବିଯୁକ୍ତ ଦୁଇ(୨) ଏବଂ ଦଶମରେ ବିଯୁକ୍ତ ଚାରି(୪), ଏହି କାରଣରୁ ମୋଟ ଉତ୍ପାଦନ ମଧ୍ୟ କମିବା ଆରମ୍ଭ କରିଛି । ଏହା ପରିଷ୍କାର ସୂଚାଉଛି ଯେ ଶ୍ରମିକକୁ ୯ ପର୍ଯ୍ୟନ୍ତ ବା ତା ଠାରୁ ଅଧିକା ବୃଦ୍ଧିକରିବା କଥା ନୁହେଁ । ଶ୍ରମିକ ନିଯୁକ୍ତି ୯ ପୂର୍ବରୁ ବନ୍ଦହେବା ଦରକାର, ଅର୍ଥ ଶ୍ରମିକର ବୃଦ୍ଧି ବା ବିନିଯୋଗ ଆଠ (୮) ପର୍ଯ୍ୟନ୍ତ ହେବା ଦରକାର । ଦେଖିଯେ ଆଠଟି ଶ୍ରମିକ ଯେତେବେଳେ ବିନିଯୋଗ ହୋଇଛନ୍ତି ସେତେବେଳେ ସୀମାନ୍ତ ଉତ୍ପାଦନ ସର୍ବନିମ୍ନ ମାନେ ୦(ଶୁନ) ହୋଇଛି କିନ୍ତୁ ମୋଟ ଉତ୍ପାଦନ ସର୍ବାଧିକ ମାନେ ୫୬ ହୋଇଛି ।

ଅତଏବ, ଆମେ ଏଇଆ ଶିଖିଲେ, ପରିବର୍ତ୍ତନୀୟ ଉପାଦାନର ବୃଦ୍ଧି ସେଇ ପର୍ଯ୍ୟନ୍ତ କରାଯିବ ଯେଉଁ ବିନ୍ଦୁଠାରେ ତାର ସୀଉ (୦) ସର୍ବନିମ୍ନ ହେବ ଏବଂ ଆଉ ଏଣିକି ସେ ଉପାଦାନର ବିନିଯୋଗ ବନ୍ଦ କରିବାକୁ ହେବ ଯେପରି ସେ ଉପାଦାନର ସୀମାନ୍ତ ଉତ୍ପାଦନ (–) ବିଯୁକ୍ତାତ୍ମକ ନହୁଏ ।

## ପାଠଗତ ପ୍ରଶ୍ନାବଳୀ

୧. କ୍ରମ ହ୍ରାସମାନ ସୀମାନ୍ତ ଉତ୍ପାଦ ସୂତ୍ର କ'ଣ ?

୨. ମୋଟ୍ ଉତ୍ପାଦର ସ୍ତର କ'ଣ ହେବ ଯେତେବେଳେ ସୀମାନ୍ତ ଉତ୍ପାଦ ସର୍ବନିମ୍ନ ?

୩. କେତେବେଳେ ଉତ୍ପାଦନକାରୀ ( ଉଦ୍ୟୋଗୀ) ଅଧିକ ଶ୍ରମ ନିଯୁକ୍ତି ବନ୍ଦ କରିବା ଉଚିତ୍ ?

## ୭.୫ ଉତ୍ପାଦନ ପ୍ରକ୍ରିୟା

ଉତ୍ପାଦନ ପ୍ରକ୍ରିୟା କହିଲେ ଉତ୍ପାଦନର, ଉପାଦାନ ଗୁଡିକୁ ସେମାନଙ୍କ ମାଲିକ ମାନଙ୍କଠାରୁ ହାସଲ କରିବା । ଉପାଦାନର ଉପଯୁକ୍ତ ଓ ସଠିକ୍ ସନ୍ତୁଳନ, ଉତ୍ପାଦନରେ ବ୍ୟବହାର ପାଇଁ କଞ୍ଚାମାଲ କ୍ରୟ କରିବା ବା ତିଆରି କରିବା, ଉତ୍ପାଦନ କରିବା, ଗଚ୍ଛିତ ରଖିବା ଏବଂ ସର୍ବଶେଷରେ ଉତ୍ପାଦ ବିକ୍ରୟକୁ ବୁଝାଏ । କିଏବା ହେଉ ଜଣେ ଏ ଉତ୍ପାଦନ ପ୍ରକ୍ରିୟାକୁ ସଂଗଠିତ କରିବା ପାଇଁ ନେତୃତ୍ୱ ନେବା ଦରକାର । ଯେଉଁ ବ୍ୟକ୍ତି ଏଇ ନେତୃତ୍ୱ ନିଅନ୍ତି ତାଙ୍କୁ ଉଦ୍ୟୋଗୀ କୁହାଯାଏ । ତୁମେ ଷଷ୍ଠ ଅନୁଚ୍ଛେଦରେ ପଢ଼ିଲେ ଯେ ଉଦ୍ୟୋଗୀ ହିଁ ଉତ୍ପାଦନସ୍ଥଳୀର ସଂଗଠକ । ଉଦ୍ୟୋଗୀ ପ୍ରବୃତ୍ତି ଏକ କଳା, ଉତ୍ପାଦନ ପ୍ରକ୍ରିୟାକୁ ସଂଗଠିତ କରିବା କାର୍ଯ୍ୟ ହେଉଛି ଉଦ୍ୟୋଗୀର ଲକ୍ଷ୍ୟ । ତାକୁ ପ୍ରଚେଷ୍ଟା କରିବାକୁ ହେବ ମଜୁରୀଦେଇ ଶ୍ରମ ଆଣିବା, ଠିକ୍ ସେପରି ଭୂମି ଓ କୋଠାବାଡି, ଯନ୍ତ୍ରପାତି ଆଦି ତାକୁ କ୍ରୟ କରିବାକୁ ହେବ ବା ହାସଲ କରିବାକୁ ହେବ ହୁଏତ ଋଣ ନେଇ ହେଉ ଅଥବା ଯଥାକ୍ରମେ ଅଧିଶେଷ ବା ସୁଧ ଦେଇ । ଉଦ୍ୟୋଗୀ ନିଜେ କିଛି ପରିମାଣ ରଖିବ ଲାଭ ରୂପରେ ନିଜର ଏ ସକଳ ପ୍ରଚେଷ୍ଟା ପାଇଁ ।

### ପାଠଗତ ପ୍ରଶ୍ନ ୭.୫

୧. ଉତ୍ପାଦନ ପ୍ରକ୍ରିୟା ବ୍ୟାଖ୍ୟା କର ?

୨. ଉତ୍ପାଦନ ପ୍ରକ୍ରିୟା କିଏ ସଂଗଠିତ କରେ ?

## ୭.୬ ପ୍ରତିଷ୍ଠାନ ଏବଂ ଶିଳ୍ପର ଭୂମିକା ଓ ଗୁରୁତ୍ୱ

ଗୋଟିଏ ପ୍ରତିଷ୍ଠାନ କହିଲେ ଗୋଟିଏ ବ୍ୟକ୍ତିଗତ ଉତ୍ପାଦନକାରୀକୁ ବୁଝାଏ, ଯିଏ ଦ୍ରବ୍ୟ ଓ ସେବା ଉତ୍ପାଦନ କରେ ବଜାରରେ ବିକ୍ରୟ ପାଇଁ । କେତେଗୁଡିଏ ଉତ୍ପାଦକ ସଂସ୍ଥା ଅଛନ୍ତି ଯଥା, ମାଗଣା ହାସପାତାଳ, ମାଗଣା ସ୍କୁଲ ଏବଂ ସରକାରୀ ସଂସ୍ଥା ଏମାନେ ସେବା ଦିଅନ୍ତି କିନ୍ତୁ ଲାଭ ଅର୍ଜନ କରନ୍ତି ନାହିଁ । ସେମାନେ ସମାଜମଙ୍ଗଳ ପାଇଁ କାର୍ଯ୍ୟ କରନ୍ତି । ସାଧାରଣ ଭାବରେ ଏକ ନିର୍ଦ୍ଦିଷ୍ଟ ଉତ୍ପାଦନ କରୁଥିବା ଏକକ କୁ ସଂସ୍ଥା କୁହାଯାଏ ।

ଶିଳ୍ପ କହିଲେ ସମାନପରିମାଣର ସାମଗ୍ରୀ ଉତ୍ପାଦନ କରୁଥିବା କେତେଗୁଡିଏ ସଂସ୍ଥାର ସମାହାରକୁ ବୁଝାଏ । ଉଦାହରଣ ସ୍ୱରୂପ "ବାଟା ସୁ କଂପାନୀ ଏହା ଏକ ସଂସ୍ଥା (ଫାର୍ମ) ଯିଏ ଜୋତା ତିଆରି କରେ, କିନ୍ତୁ ଜୋତା ଶିଳ୍ପ କହିଲେ ଜୋତା ତିଆରି କରୁଥିବା ସମସ୍ତ ସଂସ୍ଥାକୁ ବୁଝାଏ । ଏଣୁ ବାଟା, ଆକ୍ସନ, ଲିବର୍ଟି, ଆଡିଡାସ୍, ନାଇକ ଏବଂ ରିବକ୍ ଆଦି ସମସ୍ତେ ମିଶିଲେ ଜୋତା ଶିଳ୍ପ ହୁଏ ।

ବହୁତ ପ୍ରକାର ଶିଳ୍ପ ଅଛି ଯାହାକି ଆମକୁ ବିଭିନ୍ନ ପ୍ରକାରର ଦ୍ରବ୍ୟ ଓ ସେବା ଯୋଗାଉଛନ୍ତି । ଉଦାହରଣସ୍ୱରୂପ କୃଷିଶିଳ୍ପ ଆମକୁ ଖାଦ୍ୟଶସ୍ୟ ପନିପରିବା, ଫଳମୂଳ, ଡାଲି, କ୍ଷୀର ଏବଂ ଲହୁଣୀ ଆଦି ଯୋଗାଏ । ଏଗୁଡିକ ଆମ ସମସ୍ତଙ୍କର ଆବଶ୍ୟକ । ସେହିପରି ଅନ୍ୟାନ୍ୟ ଶିଳ୍ପ ବିଭିନ୍ନ ପ୍ରକାରର ସେବା ସାମଗ୍ରୀ, ଯଥା କପଡା, ଟେଲିଭିଜନ, କଂପ୍ୟୁଟର, ସ୍କୁଟର, ରେଫ୍ରିଜେରେଟର, ଏଆରକଣ୍ଡିସନର, କାର ଆଦି ଯୋଗାନ୍ତି । ଏଣୁ ଏଇ ସମସ୍ତ ଶିଳ୍ପର ଆମ ଦୈନନ୍ଦିନ ଜୀବନରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଥାଏ ।

ପ୍ରତିଷ୍ଠାନ ଓ ଶିଳ୍ପର ଗୁରୁତ୍ୱ ସଂକ୍ଷେପରେ ଏପରି-

୧. **ଦ୍ରବ୍ୟ ଓ ଉପଭୋଗ ପାଇଁ:** ଆଜିକା ଦିନରେ ମାନବୀୟ ଅଭାବ ଦ୍ରୁତଗତିରେ ବୃଦ୍ଧିପାଉଛି । ଏହିସବୁ ଅଭାବ ପୁରଣ ପାଇଁ ବିଭିନ୍ନ ପ୍ରକାରର ଦ୍ରବ୍ୟ ଓ ସେବା ଦରକାର ଆମର ଦୈନନ୍ଦିନ ଉପଭୋଗ ପାଇଁ । ଏ ସକଳ ପଦାର୍ଥ ପ୍ରତିଷ୍ଠାନ ଓ ଶିଳ୍ପ ଆମକୁ ଦିଅନ୍ତି ।

୨. **ବିନିଯୋଗ ପାଇଁ ଦ୍ରବ୍ୟ:** ଆମେ ବିଭିନ୍ନ ପ୍ରକାରର ଦ୍ରବ୍ୟ ବିନିଯୋଗ ପାଇଁ ଦରକାର କରୁ । ଆମେ ଦରକାର କରୁ ଯନ୍ତ୍ରପାତି, କଳକାରଖାନା, ପରିବହନ ଗାଡି ଯଥା: ବସ୍, ଟ୍ରକ୍, ରେଳବାଇ ଏବଂ ଏରୋପ୍ଲେନ୍, ଜଳଯାହାଜ ଆଦି ଏବଂ ଆହୁରି ଅନ୍ୟାନ୍ୟ ସାମଗ୍ରୀ ନିବେଶ ପାଇଁ ଦରକାର କରେ । ଏ ସମସ୍ତ ଦ୍ରବ୍ୟ, ସାମଗ୍ରୀ ପ୍ରତିଷ୍ଠାନ ଓ ଶିଳ୍ପଦ୍ୱାରା ଉତ୍ପାଦିତ ହୋଇଥାଏ ।

୩. **ଅନେକ ବ୍ୟକ୍ତିଙ୍କୁ ନିଯୁକ୍ତି :** ଶିଳ୍ପ ଓ ପ୍ରତିଷ୍ଠାନ ଜନସାଧାରଣଙ୍କ ପାଇଁ ନିଯୁକ୍ତିର ଉତ୍ସ । ବହୁତ ଗୁଡିଏ ଲୋକ ଶିଳ୍ପ ଓ ସଂସ୍ଥାରେ ନିଯୁକ୍ତି ପାଆନ୍ତି ଯାହା ଫଳରେ ସେମାନଙ୍କ ଅଭାବ ପୁରଣପାଇଁ ସେମାନେ ଆୟ ଅର୍ଜନ କରିଥାନ୍ତି । ନିଯୁକ୍ତି ବିନା ଆମେ ବଞ୍ଚିପାରିବା ନାହିଁ । ଏଣୁ ସଂସ୍ଥା ଓ ଶିଳ୍ପର ଗୁରୁତ୍ୱ କେତେ ସହଜରେ ବୁଝାପଡେ ।

୪. **ରାଷ୍ଟ୍ରର ଉନ୍ନତି ପାଇଁ ଭିତ୍ତିଭୂମି:** ସେମାନେ ଆମକୁ ମୌଳିକ ବସ୍ତୁ ଶକ୍ତି, ପରିବହନ, ଯୋଗାଯୋଗ, ସ୍ୱାସ୍ଥ୍ୟ, ଶିକ୍ଷା, ଗୃହ ଯାହାକି ଦେଶର ଭିତ୍ତିଭୂମି ପାଇଁ ଅତ୍ୟନ୍ତ ଆବଶ୍ୟକ ତାହା ଯୋଗାଇଥାନ୍ତି । ଭିତ୍ତିଭୂମିର ଉନ୍ନତି ବିନା ରାଷ୍ଟ୍ରଦେଶର ସାମଗ୍ରିକ ଉନ୍ନୟନ ସମ୍ଭବ ନୁହେଁ । ଏଥିପାଇଁ ଆମେ ଶିଳ୍ପ ଓ ସଂସ୍ଥାର ଅବଦାନ ଓ ଗରୁତ୍ୱକୁ ଅସ୍ୱୀକାର କରିପାରିବ ନାହିଁ ।

### ପାଠଗତ ପ୍ରଶ୍ନାବଳୀ ୭.୬

୧. ପ୍ରତିଷ୍ଠାନ କହିଲେ କ'ଣ ବୁଝ ?

୨. ଶିଳ୍ପର ଅର୍ଥ କ'ଣ ?

## ୭.୭ ଗୋଟିଏ ଅର୍ଥନୀତିର ବିଭିନ୍ନ ଉତ୍ପାଦକାରୀଙ୍କୁ ଚିହ୍ନଟ କରିବା

ମାଲିକାନା ସୂତ୍ରରେ ଉତ୍ପାଦନ ସଂସ୍ଥା ମାନଙ୍କୁ ମୁଖ୍ୟତଃ ଏହିଭାବେ ବାଛିବା ବା ବିଭକ୍ତିକରଣ କରିବା ।

୧. ଦେଶଜ ଉତ୍ପାଦକ ସଂସ୍ଥା

୨. ବିଦେଶି ଉତ୍ପାଦକ ସଂସ୍ଥା

ଏଗୁଡ଼ିକୁ ଗୋଟିଏ ପରେ ଗୋଟିଏ ଆଲୋଚନା କରିବା ।

### ୭.୭.୧ ଦେଶୀୟ (ଦେଶଜ) ଉତ୍ପାଦକ ସଂସ୍ଥା

ଯେଉଁ ଉତ୍ପାଦକ ସଂସ୍ଥା, ଯେଉଁ ଦେଶରେ ଥାଏ ଓ ସେଇ ଦେଶର ବାସିନ୍ଦାମାନେ ତାର ମାଲିକ ଥାନ୍ତି ତାକୁ ଦେଶଜ ଉତ୍ପାଦକ ସଂସ୍ଥା ବୋଲି କୁହାଯାଏ । ଆମ ଚାରିପାଖେ ଥିବା ଉତ୍ପାଦକ ସଂସ୍ଥା ଗୁଡିକ ଦେଶଜ ଅଟେ । ଗାଁର କୃଷିଫାର୍ମ, ଦୋକାନ, ଛୋଟ କାରଖାନା, ବଡ କାରଖାନା, ହାସପାତାଳ, ସ୍କୁଲ, କଲେଜ, ସିନେମାହଲ, ଭୋଜନାଳୟ, ଦୁଗ୍ଧଫାର୍ମ, ସରକାରୀ କାର୍ଯ୍ୟାଳୟ, ଆତ୍ମନିଯୁକ୍ତ ଡାକ୍ତର, ଓକିଲ ଏବଂ ଶିକ୍ଷକ ଏସବୁ ହେଉଛନ୍ତି ଦେଶଜ ଉତ୍ପାଦକ ସଂସ୍ଥାର ଉଦାହରଣ । ଯେହେତୁ ଉତ୍ପାଦକ ସଂସ୍ଥା ଘରୋଇ ଓ ସରକାରୀ ଭାବେ ପୁନଃ

ବିଭାଜିତ ଦେଶଜ ସଂସ୍ଥାକୁ ବିଭାଜିତ କରି ।

- ଘରୋଇ ଉତ୍ପାଦକ ସଂସ୍ଥା
- ସରକାରୀ ଉତ୍ପାଦକ ସଂସ୍ଥା

### ୭.୭.୧.୧ ଘରୋଇ ଉତ୍ପାଦକ ସଂସ୍ଥା

ବହୁତ ଗୁଡିଏ ଦୋକାନ, କାର୍ଯ୍ୟାଳୟ, କାରଖାନା, ଘରୋଇ ବ୍ୟକ୍ତିଗତ ମାଲିକାନା ବା ପରିବାର ମାଲିକାନାରେ ଦେଖାଯାଏ । ସେମାନେ ବଜାରରେ ବିକ୍ରୟପାଇଁ ଦ୍ରବ୍ୟ ଓ ସେବା ଉତ୍ପାଦନ କରିଥାନ୍ତି ଲାଭ ଅର୍ଜନ ଲକ୍ଷ୍ୟରେ ଘରୋଇ ସଂସ୍ଥା ଗୁଡିକୁ ପୁଣି ମାଲିକଙ୍କ ସଂଖ୍ୟାକୁ ନେଇ ବିଭକ୍ତିକରଣ କରାଯାଏ । ଅଧିକାଂଶ ଛୋଟ ଛୋଟ ସଂସ୍ଥା ଯଥା: ଶ୍ରମ, ଧୋବା, ମୋଚି, ଦରଜୀ, ଦୁଗ୍ଧଯୋଗାଳି ଆଦି ଅନେକ ସଂସ୍ଥା ଏକକ ମାଲିକାନା ଅଧିନ । କିନ୍ତୁ କେତେକ ଉତ୍ପାଦକ ସଂସ୍ଥା ଏକାଧିକ ମାଲିକାନାରେ ଥାଏ । ଏଠାରେ ସଂଖ୍ୟା, ଦୁଇ, କୋଡିଏ, ଏକଶତ, ହଜାର ଅବା ଏକ ଲକ୍ଷ ବା ଅଧିକା ବି ହୋଇପାରେ । ମାଲିକାନା ସଂଖ୍ୟାନେଇ ଘରୋଇ ଉତ୍ପାଦନକ ସଂସ୍ଥାକୁ ନିମ୍ନମତେ ବିଭକ୍ତି କରଣ କରାଯାଇପାରିବ ।

(କ) ଏକକ ମାଲିକାନା
(ଖ) ଭାଗିଦାରୀ
(ଗ) କମ୍ପାନୀ କିମ୍ୱା ନିଗମ
(ଘ) ସମବାୟ ସମିତି
(ଙ) ଘରୋଇ ଅଣଲାଭ ସଂଗଠନ (NPO)

**(କ) ଏକକ ମାଲିକାନା(Single Properietorship):** ଏଗୁଡିକ ଜଣେ ବ୍ୟକ୍ତିବିଶେଷର ମାଲିକାନାରେ ଥାଏ । ସେ ସଂସ୍ଥାଟିର ଲାଭ ବା କ୍ଷତିପାଇଁ ଦାୟୀ ରୁହନ୍ତି । ସେ ସଂସ୍ଥାଟିର ପରିଚାଳନା ଓ କାର୍ଯ୍ୟପାଇଁ ଉତ୍ତରଦାୟୀ ରୁହନ୍ତି ।

**(ଖ) ଭାଗିଦାରୀ (Partnership):** ଏଗୁଡିକ ଦୁଇ ବା ଅଧିକ ଲୋକଙ୍କ ମାଲିକାନାରେ ଥାଏ । ସର୍ବାଧିକ ସଂଖ୍ୟା କିନ୍ତୁ ୨୦ ମଧ୍ୟରେ ସୀମିତ । ଏହାର ମାଲିକମାନଙ୍କୁ ଭାଗୀଦାର କମ୍ପାନୀ ବୋଲି କୁହାଯାଏ । ସମସ୍ତ ଭାଗିଦାର ସମୂହ ଭାବରେ ସଂସ୍ଥାଟିର ଉତ୍ପାଦନ କାର୍ଯ୍ୟ ଓ ପରିଚାଳନା ପାଇଁ ଦାୟୀ ରୁହନ୍ତି । ଲାଭକ୍ଷତିର ଅଂଶ ଭାଗିଦାରୀ ମାନଙ୍କ ମଧ୍ୟରେ ବାଣ୍ଟି ଦିଆଯାଏ, ସଂସ୍ଥା ତିଆରି ସମୟରେ ହୋଇଥିବା ଚୁକ୍ତିନାମା ଅନୁସାରେ ।

**(ଗ) କଂପାନୀ ବା କର୍ପୋରେସନ ବା ନିଗମ:** ଏହା ଏପରି ଏକ ଉତ୍ପାଦନ ସଂସ୍ଥା ଯାହା ଅନେକଙ୍କ ମାଲିକାନାରେ ଥାଏ । ଯେଉଁ ପାଣ୍ଠି କଂପାନୀ ପାଇଁ ବିନିଯୋଗ ହୋଇଥାଏ ତାକୁ ଅଂଶୀଦାର ହିସାବରେ ବିଭାଜିତ କରାଯାଏ । ଅଂଶଧନ କିଣିଥିବା କ୍ରେତାମାନଙ୍କୁ ଅଂଶୀଦାର କୁହାଯାଏ । ସେମାନେ ସମସ୍ତେ ହେଉଛନ୍ତି କଂପାନୀର ମାଲିକ । ଘରୋଇ କଂପାନୀରେ ସର୍ବନିମ୍ନ ଅଂଶୀଦାର ହେଉଛନ୍ତି ଦୁଇ ଏବଂ ସର୍ବାଧିକ ପଚାଶ (୫୦) । କିନ୍ତୁ ସର୍ବସାଧାରଣ କଂପାନୀରେ ସର୍ବନିମ୍ନ ଅଂଶୀଦାର ହେଉଛନ୍ତି ସାତ (୭) ଏବଂ ସର୍ବାଧିକ ସୀମା କିଛିନାହିଁ । ଏହି ଅଂଶୀଦାରମାନେ କେତେ ଲୋକଙ୍କୁ ଚୟନ କରନ୍ତି କଂପାନୀର ପରିଚାଳନା ପାଇଁ । ଯାହାକୁ କୁହାଯାଏ କଂପାନୀ ନିର୍ଦ୍ଦେଶକ ମଣ୍ଡଳୀ । ଏଗୁଡିକ କଂପାନୀ ଆଇନ ୧୯୫୬ ଅନୁଯାୟୀ ପ୍ରତିଷ୍ଠା ହୋଇଥାନ୍ତି । କଂପାନୀର ଲାଭ ଅଂଶୀଦାର ମାନଙ୍କ ମଧ୍ୟରେ ସେମାନେ ଧାରଣ କରିଥିବା ଅଂଶଧନ ଅନୁଯାୟୀ ବାଣ୍ଟି ଦିଆଯାଏ । ଟାଟା ଲୌହ ଓ ଇସ୍ପାତ କାରଖାନା, ରିଲିୟାନସ ଇଣ୍ଡଷ୍ଟ୍ରିଜ ଲିମିଟେଡ, ବଜାଜ ଅଟୋ ଲିମିଟେଡ, ହେଉଛନ୍ତି ଏହପରି କଂପାନୀର ଉଦାହରଣ ।



**(ଘ) ସମବାୟ ସମିତି:** ଏହା ମଧ୍ୟ ଏକ ଉତ୍ପାଦକ ସଂସ୍ଥା ଯାହା କେତେଜଣ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ପରିଚାଳିତ । ପରସ୍ପର ସୁବିଧା ପାଇଁ କେତେକ ବ୍ୟକ୍ତିବିଶେଷଙ୍କର ଏହା ଏକ ସ୍ୱେଚ୍ଛାକୃତ ସଂଗଠନ । ଏହାର ଲକ୍ଷ୍ୟ ଆତ୍ମପ୍ରଚେଷ୍ଟା ଓ ମିଳିତ ସହଯୋଗ ଦ୍ୱାରା ସାଧିତ ହୁଏ । ଏହି ଅର୍ଥରେ ଏହା ଏକ କଂପାନୀ ସହିତ ସମାନ । ଏହାର ମାଲିକମାନଙ୍କୁ ଅଂଶୀଦାର କୁହାଯାଏ । ଏହା ସହଯୋଗ ସମିତି ଆକ୍ଟ ୧୯୧୨ ଅନୁଯାୟୀ କାର୍ଯ୍ୟକରେ । ସର୍ବନିମ୍ନ ୧୦ଜଣ ସଭ୍ୟଙ୍କୁ ନେଇ ବା ଅଂଶୀଦାରଙ୍କୁ ନେଇ ଏହା ଚାଲେ କିନ୍ତୁ ସର୍ବାଧିକ ସଦସ୍ୟତା ନେଇ କିଛି କଟକଣା ନଥାଏ । ଅଂଶୀଦାରମାନେ ସେମାନଙ୍କ ମଧ୍ୟରୁ କିଛି ଲୋକଙ୍କୁ ବାଛନ୍ତି ସମିତିକୁ ପରିଚାଳନା କରିବାପାଇଁ । ସମିତିର ଲାଭ ଅଂଶୀଦାର ମାନଙ୍କର ଅଂଶ ଅନୁଯାୟୀ ବାଣ୍ଟି ଦିଆଯାଏ । ଉଚିତ୍ ଦାମରେ ଉପଭୋକ୍ତାମାନଙ୍କୁ ବିଭିନ୍ନ ସାମଗ୍ରୀ ବିକ୍ରୀ କରୁଥିବା ସହଯୋଗ ଭଣ୍ଡାର ଏବଂ ସହଯୋଗ ଗୃହ ସମିତି ଯାହା ଘର ଓ ଫ୍ଲାଟ ସଭ୍ୟମାନଙ୍କୁ ଯୋଗାଇଥିବା ସଂସ୍ଥାକୁ ସହଯୋଗ ସମିତି କୁହାଯାଏ । କେନ୍ଦ୍ରୀୟ ଭଣ୍ଡାର ଯାହା ଉପଭୋକ୍ତା ମାନଙ୍କୁ ବିଭିନ୍ନ ପ୍ରକାରର ସାମଗ୍ରୀ ଯୋଗାଇଥାଏ ତାଙ୍କୁ ବୃହଦ ସମବାୟ ସମିତି କୁହାଯିବ ।

**(ଙ) ଘରୋଇ ଅଣ ଲାଭଜନକ ସଂସ୍ଥା:** କେତେଗୁଡିଏ ଘରୋଇ ଉତ୍ପାଦକ ସଂସ୍ଥା ଅଛନ୍ତି ଯାହା ପରିଚାଳିତ ହୁଏ ନ୍ୟାସୀ ମଣ୍ଡଳୀ ବା ଟ୍ରଷ୍ଟ, ସମିତି ଦ୍ୱାରା ଯଥା ମାଗଣା ଦାତବ୍ୟ ହାସପାତାଳ, ଦାତବ୍ୟ ସ୍କୁଲ ଜନମଙ୍ଗଳ ସମିତି ଆଦି । ଏଗୁଡିକ ବିଶେଷକରି ସମିତି ସଭ୍ୟମାନଙ୍କ ସେବାପାଇଁ ସେବା ଦେଇଥାନ୍ତି, ଲାଭ ଉପରେ ନଜର ନଦେଇ ।

### ୭.୭.୧.୨ ସରକାରୀ ଉତ୍ପାଦକ ସଂସ୍ଥା

ସରକାର ବହୁତ ଗୁଡିଏ ସେବା ଯୋଗାଇଥାନ୍ତି ଯଥା ଶିକ୍ଷା, ସ୍ୱାସ୍ଥ୍ୟ, ଆଇନଶୃଙ୍ଖଳା, ଡାକ ତାର, ପରିବହନ, ଯୋଗାଯୋଗ ଓ ବେତାର, ଦୂରଦର୍ଶନ ପ୍ରସାରଣ ଆଦି । କେତେକ ସଂଗଠନ ଯେଉଁମାନେ ଏହିପରି ସେବା ପ୍ରଦାନ କରିଥାନ୍ତି ସେମାନେ ସଂପୃକ୍ତ ବିଭାଗ ଓ ସରକାରୀ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ହୁଅନ୍ତି । ସେମାନଙ୍କ ସଂପୃକ୍ତ ବିଭାଗ ସଂଗଠନ ବା ସଂସ୍ଥା ବୋଲି କୁହାଯାଏ । କେତେକ ବିଭାଗୀୟ ସଂଗଠନ ବା ସଂସ୍ଥାର ଉଦାହରଣ ହେଉଛି, ଭାରତୀୟ ରେଳ ହେଉଛି ରେଳ ମନ୍ତ୍ରଣାଳୟର ଅଧିନରେ, ଅଲଇଣ୍ଡିଆ ରେଡିଓ ଓ ଦୂରଦର୍ଶନ ଯାହା ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ପ୍ରସାର ଭାରତୀର ଭଉଣୀ ସଂଗଠନ ଅଟନ୍ତି । ସରକାରଙ୍କର ଏମାନଙ୍କ କାର୍ଯ୍ୟକଳାପପରେ ପ୍ରତ୍ୟେକ୍ଷ ନିୟନ୍ତ୍ରଣ ଥାଏ ।

ଆଉ ଗୋଟିଏ ପ୍ରକାର ସରକାରୀ ଉତ୍ପାଦକ ସଂସ୍ଥା ଅଛନ୍ତି ଯାହା ସରକାରୀ ସହାୟତା ଓ ପାଣ୍ଠି ଦ୍ୱାରା ଚାଲେ କିନ୍ତୁ ସ୍ୱାଧୀନ ଭାବେ ପରିଚାଳିତ ହୁଅନ୍ତି । ସେଗୁଡିକ ବଡ ବଡ ସଂସ୍ଥା ଏବଂ ସ୍ୱୟଂଶାସିତ । ଏଗୁଡିକ ବିଭାଗ ବାହାରେ କାର୍ଯ୍ୟକରୁଥିବା ସଂସ୍ଥା ଏବଂ ଏଗୁଡିକ ସରକାରୀ ନିୟନ୍ତିତ ସଂସ୍ଥା ବା ରାଷ୍ଟ୍ରାୟତ ଉଦ୍ୟୋଗ ସଂସ୍ଥା ବୋଲି କୁହାଯାଏ । ରାଷ୍ଟ୍ରାୟତ ସଂସ୍ଥାର ଉଦାହରଣ ହେଉଛି ଇଣ୍ଡିଆନ ଏଅାରଲାଇନସ, ଏଚଏମଟି, ଏମଏମଟିସି, ଏଲଆଇସି, ଜିଆଇସି ଓ ଆଇ ଓ ସି ଆଦି ।

### ୭.୭.୧.୩ ବିଦେଶୀ ଉତ୍ପାଦକ ସଂସ୍ଥା

ଗୋଟିଏ ବିଦେଶୀ ଉତ୍ପାଦକ ସଂସ୍ଥା ଦେଶମଧ୍ୟରେ ଅବସ୍ଥାପିତ କିନ୍ତୁ ଏହାର ମାଲିକାନା ବିଦେଶ ବ୍ୟକ୍ତିଙ୍କ ହାତରେ ବା ଦେଶବାହାରେ (ପ୍ରବାସୀ) ରହୁଥିବା ବ୍ୟକ୍ତିଙ୍କ ହାତରେ ଥାଏ । ଏ ପ୍ରକାର ଉତ୍ପାଦକ ସଂସ୍ଥାରେ ବିଦେଶୀଙ୍କ ଅଂଶଧନ ପରିମାଣ କିନ୍ତୁ ମୋଟ ପୁଞ୍ଜି (୫୦) ପଚାଶ ଭାଗରୁ ଅଧିକା ହେବା ଦରକାର ।

ବିଦେଶୀ ଉତ୍ପାଦକ ସଂସ୍ଥା ପୁନଶ୍ଚ ଦୁଇଭାଗରେ ବିଭକ୍ତ

୧. ବହୁଜାତୀୟ ସଂସ୍ଥା ଏବଂ

୨. ବିଦେଶୀ ସହଯୋଗୀ ସଂସ୍ଥା

୧. **ବହୁଜାତୀୟ ( ଦେଶୀୟ) ସଂସ୍ଥା:** ଏଗୁଡିକ ଏପରି ସଂସ୍ଥା ଯାହାର ମୁଖ୍ୟ କାର୍ଯ୍ୟାଳୟ ଗୋଟିଏ ଦେଶରେ ଥାଏ କିନ୍ତୁ ବ୍ୟବସାୟିକ କାର୍ଯ୍ୟକଳାପ ଅନେକ ଦେଶରେ ବ୍ୟାପିଥାଏ । ଏଗୁଡିକ ବହୁଜାତୀୟ ସଂସ୍ଥା କୁହାଯାଏ କାରଣ ଏମାନେ ବହୁତ ଗୁଡିଏ ରାଷ୍ଟ୍ରରେ ବା ଦେଶରେ କାର୍ଯ୍ୟକରନ୍ତି ନିଜ ଜନ୍ମିତ ରାଷ୍ଟ୍ର (ଦେଶକୁ) ଛାଡି । ଉଦାହରଣ କୋକାକୋଲା, ପେପ୍‌ସି, ଜନ୍‌ସନ୍ ଓ ଜନ୍‌ସନ୍, ମାଇକ୍ରୋସଫ୍ଟ, ନୋକିଆ, ସୋନି, ସାମସଙ୍ଗ, ଆଇବିଏମ, ନେସ୍‌ଲେ, ଭୋଡାଫୋନ, ଏଆରଟେଲ, ଏଲ ଜି, ଗୁଗୁଲ, ଫୋର୍ଡମୋଟର, ହୁଣ୍ଡାଇ ଆଦି ଭାରତରେ ଉପସ୍ଥିତ ଥିବା ବହୁଜାତୀୟ ସଂସ୍ଥା ।

୨. **ବିଦେଶୀ ସହଯୋଗ ସଂସ୍ଥା:** ଏହା ଏ ପ୍ରକାର ସହଯୋଗୀ ସଂସ୍ଥା ଯେଉଁଥିରେ ବିଦେଶୀ ଓ ଦେଶୀୟ ଉଦ୍ୟୋଗୀମାନେ ମିଳିତଭାବେ ଯୋଗଦେଇଥାନ୍ତି । ଏଗୁଡିକ ଆଂଶିକ ବିଦେଶୀ ଓ ଆଂଶିକ ଦେଶି ଅଟେ । ଏଗୁଡିକ ବିଦେଶୀ ଉତ୍ପାଦକ ସଂସ୍ଥା କୁହାଯିବ ଯଦି (୫୦%) ଶତକଡା ୫୦ ଭାଗରୁ ଅଧିକା ମାଲିକାନା (ଅଂଶଧନ) ମୋଟ ପୁଞ୍ଜିର, ବିଦେଶୀଙ୍କ ଦ୍ୱାରା ବା ଦେଶବାହାରେ ରହୁଥିବା ପ୍ରବାସୀ ବ୍ୟକ୍ତିଙ୍କ ଦ୍ୱାରା ପ୍ରଦତ୍ତ । ଏହାର ଏକ ଉତ୍ତମ ଉଦାହରଣ ହେଉଛି ମାରୁତି ସୁଜୁକି ଲିମିଟେଡ ।

## ପାଠଗତ ପ୍ରଶ୍ନ ୭.୭

ଉପଯୁକ୍ତ ବା ସଠିକ୍ ଉତ୍ତରର ଠିକ ମାର୍କ ଦିଅ ।

୧. ଏକ ଉତ୍ପାଦନ ସଂସ୍ଥା ଜଣେ ବ୍ୟକ୍ତିଙ୍କ ମାଲିକାନାରେ ଥିଲେ, ଏହାର ପରିଚୟ :
   (କ) ଭାଗିଦାରୀ ସଂସ୍ଥା  (ଖ) ଗୋଟିଏ ଘରୋଇ କଂପାନୀ
   (ଗ) ଏକକ ମାଲିକାନା  (ଘ) ଏକ ସରକାରୀ ଉତ୍ପାଦନ ଏକକ

୨. ଗୋଟିଏ ଭାଗିଦାରୀ ସଂସ୍ଥାରେ ସର୍ବାଧିକ ଭାଗିଦାରୀଙ୍କ ସଂଖ୍ୟା :
   (କ) ୫  (ଖ) ୧୦
   (ଗ) ୧୫  (ଘ) ୨୦

୩. ଭାରତୀୟ ରେଳ ଗୋଟିଏ :
   (କ) ଏକ ଘରୋଇ ସଂସ୍ଥା ।  (ଖ) ଏକ ସରକାରୀ (ସାଧାରଣ) ସଂସ୍ଥା
   (ଗ) ଏକକ ମାଲିକାନାଭୁକ୍ତ  (ଘ) ଭାଗିଦାରୀ ସଂସ୍ଥା

୪. ଗୋଟିଏ ସମବାୟ ସମିତିରେ ସର୍ବନିମ୍ନ ସଭ୍ୟଙ୍କ ସଂଖ୍ୟା
   (କ) ୨୦  (ଖ) ୧୫
   (ଗ) ୧୦  (ଘ) ୫

୫. ଗୋଟିଏ ସର୍ବସାଧାରଣ କଂପାନୀରେ ଅଂଶୀଦାରମାନଙ୍କର ସର୍ବାଧିକ ସଂଖ୍ୟା କେତେ ?
   (କ) ୧୦,୦୦୦  (ଖ) ୧୫,୦୦୦
   (ଗ) ୨୦,୦୦୦  (ଘ) ସୀମାନାହିଁ (ଅସୀମ)

୬. କଂପାନୀ ଆଇନ ( ଆକ୍ଟ) ୧୯୫୬ ଦ୍ୱାରା ନିବନ୍ଧିତ (ରେଜିଷ୍ଟ୍ରି) ହୋଇଥିବା ଏକ ସରକାରୀ ଉତ୍ପାଦନ ସଂସ୍ଥା ଅଟେ ।

(କ) ଏକ ବୈଧାନିକ କର୍ପୋରେସନ  (ଖ) ସରକାରୀ କଂପାନୀ

(ଗ) ବିଭାଗୀୟ ଉଦ୍ୟୋଗ  (ଘ) ଏଥିମଧ୍ୟରୁ କେହିନୁହେଁ ।

୭. ଗୋଟିଏ ଘରୋଇ କଂପାନୀର ସର୍ବନିମ୍ନ ମାଲିକଙ୍କ ସଂଖ୍ୟା

(କ) ୭  (ଖ) ୧୦

(ଗ) ୨  (ଘ) ୨୦

୮. କେଉଁ ସ୍ଥିତିରେ ଏକ ଉତ୍ପାଦକ ସଂସ୍ଥାକୁ ବିଦେଶୀ ଉତ୍ପାଦକ ସଂସ୍ଥା ବୋଲି କୁହାଯାଏ ନାହିଁ ।

(କ) ସମୁଦାୟ ପୁଞ୍ଜି ଦେଶ ବାହାରର ( ପ୍ରବାସୀ) ବ୍ୟକ୍ତିଙ୍କ ଦ୍ୱାରା ବିନିଯୋଗ ( ନିବେଶ) ହୋଇଥିଲେ ।

(ଖ) ସମୁଦାୟ ପୁଞ୍ଜିର ଶତକଡା ୫୦ରୁ ଅଧିକା ଦେଶ ବାହାରର (ପ୍ରବାସୀ) ବ୍ୟକ୍ତିଙ୍କ ଦ୍ୱାରା ବିନିଯୋଗ ନିବେଶ ହୋଇଥିଲେ ।

(ଗ) ସମୁଦାୟ ବା ମୋଟ ପୁଞ୍ଜିର ଶତକଡା ୫୦ଭାଗରୁ ଅଧିକା ଦେଶର ଅଧିବାସୀଙ୍କ ହାତରେ ଥିଲେ ।

(ଘ) ଶତକଡା ୨୦ରୁ କମ୍ ନିବେଶ (ବିନିଯୋଗ) ଦେଶବାସୀ ( ଅଧିବାସୀଙ୍କ) ଦ୍ୱାରା ହୋଇଥିଲେ ।

## ତୁମେ କ'ଣ ଶିଖିଲ

- ଉତ୍ପାଦନ ପ୍ରକ୍ରିୟା ହେଉଛି, ଉପାଦାନ ଗୁଡିକ ସମ୍ମିଶ୍ରଣ କରିବା, ସେମାନଙ୍କ ସେବା (ଅବଦାନ)କୁ ପ୍ରୟୋଗ କରି ଦ୍ରବ୍ୟ ଓ ସେବା ଉତ୍ପାଦନ କରିବା ।
- ଉଦ୍ୟୋଗୀ ଉତ୍ପାଦନ କ୍ରିୟାକୁ ସଂଗଠିତ କରି ଲାଭ ଅର୍ଜନକରେ ଓ କ୍ଷତି ସହେ ।
- ଉତ୍ପାଦନର ଦୁଇପ୍ରକାର କୌଶଳ ଅଛି (କ) ଶ୍ରମଭିତ୍ତିକ ଯେଉଁଥିରେ ଆମେ ଅଧିକା ଶ୍ରମ ନିୟୋଜିତ କରୁ ଓ କମ୍ ପୁଞ୍ଜି ବିନିଯୋଗ କରୁ (ଖ) ପୁଞ୍ଜିଭିତ୍ତିକ ଯେଉଁଥିରେ ଆମେ ବେଶିଭାଗ ପୁଞ୍ଜି ନିୟୋଜିତ କରୁ ଓ କମ୍ ଶ୍ରମ  ବିନିଯୋଗ କରୁ ।
- ଶ୍ରମ ବିଭାଜନ ଦୁଇ ପ୍ରକାରର ।
  (କ) ଉତ୍ପାଦନ ଭିତ୍ତିକ ଶ୍ରମ ବିଭାଜନ ଯେଉଁଠାରେ ଜଣେ ଶ୍ରମିକ ଏକ ନିର୍ଦ୍ଦିଷ୍ଟ ସାମଗ୍ରୀ ଉତ୍ପାଦନରେ ବିଶେଷ ଜ୍ଞାନ ଅର୍ଜନ କରେ ।
  (ଖ) ପ୍ରକ୍ରିୟା ଭିତ୍ତିକ ଶ୍ରମ ବିଭାଜନ ଯେଉଁଠାରେ ଏକ ନିର୍ଦ୍ଦିଷ୍ଟ ବସ୍ତୁର ଉତ୍ପାଦନ ବିଭିନ୍ନ ପ୍ରକ୍ରିୟାରେ ବିଭାଜିତ ହୋଇଥାଏ ଏବଂ ଜଣେ ଶ୍ରମିକ ଗୋଟିଏ ବା ଦୁଇଟି ପ୍ରକ୍ରିୟାରେ ବିଶେଷ ଜ୍ଞାନ ଅର୍ଜନ କରେ ।
- ଉତ୍ପାଦନ ହେଉଛି, ଉତ୍ପାଦନର ସମସ୍ତ ଚାରୋଟି ଉପାଦାନ ଭୂମି, ଶ୍ରମ, ପୁଞ୍ଜି ଓ ସଂଗଠନ (ଉଦ୍ୟୋଗ)ର ସମ୍ମିଳିତ ପ୍ରଚେଷ୍ଟାର ଫଳ ।
- ମୋଟ ଉତ୍ପାଦନ କହିଲେ ଏକ ନିର୍ଦ୍ଦିଷ୍ଟ ସ୍ତରରେ ଏକ ଉପାଦାନକୁ ବିନିଯୋଗ କରି ସମୁଦାୟ କେତେ ପରିମାଣରର ସାମଗ୍ରୀ ଉତ୍ପନ୍ନ କରାଯାଇପାରିବ, ଯେତେବେଳେ କି ଅନ୍ୟାନ୍ୟ ଉପାଦାନ ଗୁଡିକ ଅପରିବର୍ତ୍ତିତ ରହିବ ।
- ହାରାହାରି ଉତ୍ପାଦ କହିଲେ ପ୍ରତି ଏକକ ପରିବର୍ତ୍ତନୀୟ ଉପାଦାନର, ଉତ୍ପାଦାନକୁ ବୁଝାଏ ଧରନ୍ତୁ ଶ୍ରମ ।
- ସୀମାନ୍ତ ଉତ୍ପାଦ କହିଲେ ମୋଟ ଉତ୍ପାଦନର ହ୍ରାସ ଅବା ବୃଦ୍ଧିକୁ ବୁଝାଏ ଯାହା ପ୍ରତି ଅତିରିକ୍ତ ଶ୍ରମିକ ଏକକରୁ ମିଳିଥାଏ ଯେତେବେଳେ ଅନ୍ୟାନ୍ୟ ଉତ୍ପାଦନ ଉପାଦନ ଗୁଡିକ ସ୍ଥିର ବା ଅପରିବର୍ତ୍ତନୀୟ ରହିଥାଏ ।

- ଶ୍ରମର କ୍ରମହ୍ରାସମାନ ସୀମାନ୍ତ ଉତ୍ପାଦନ ସୂତ୍ର ସୂଚାଏ ଯେ, ପରିବର୍ତ୍ତନୀୟ ଶ୍ରମର ଧାରାବାହିକ ବୃଦ୍ଧି ଫଳରେ ପ୍ରାଥମିକ ଅବସ୍ଥାରେ ସୀମାନ୍ତ ଉତ୍ପାଦ ବୃଦ୍ଧିପାଇବ ଏକ ନିର୍ଦ୍ଦିଷ୍ଟ ବିନ୍ଦୁ ପର୍ଯ୍ୟନ୍ତ, କିନ୍ତୁ ତାପରେ ତାହା ହ୍ରାସ ପାଇବ ଏବଂ ପରେ ଋଣାତ୍ମକ ବି ହୋଇଯିବ, ଯେତେବେଳେ କି ଅନ୍ୟାନ୍ୟ ଉପାଦାନ ଗୁଡିକ ସ୍ଥିର ବା ଅପରିବର୍ତ୍ତନୀୟ ରହିଥିବ ।
- ସଂସ୍ଥା ବା ଅନୁଷ୍ଠାନ ଏକ ଉତ୍ପାଦକ ଏକକ ଯିଏ ଦ୍ରବ୍ୟ ଓ ସେବା ଉତ୍ପନ୍ନ କରେ ଓ ବଜାରରେ ବିକ୍ରୟକରି ଲାଭ ଅର୍ଜନ କରିବା ପାଇଁ ଚେଷ୍ଟାକରେ । ଶିଳ୍ପ କହିଲେ ସମାନ ଦ୍ରବ୍ୟ ଓ ସାମଗ୍ରୀ ଉତ୍ପାଦନ କରୁଥିବା ଦଳ ଦଳ ପ୍ରତିଷ୍ଠାନର ସମାହାର କୁ ବୁଝାଏ ।
- ମାଲିକାନା ଆଧାରରେ ଉତ୍ପାଦକ ଏକକ ଗୁଡିକ ଦେଶଜ (ଦେଶୀୟ) ବା ବିଦେଶି ଉତ୍ପାଦକ ସଂସ୍ଥାରୂପେ ପରିଚିତ । ଦେଶୀୟ ବା ଦେଶଜ ସଂସ୍ଥାଗୁଡିକ ଦେଶବାସୀଙ୍କ ବା ଅଧିବାସୀଙ୍କ ମାଲିକାନାରେ ଥାଏ ଏବଂ ବିଦେଶି ଏକକ ସଂସ୍ଥା ଗୁଡିକ ଦେଶ ବାହାରେ ବା ପ୍ରବାସୀଙ୍କ ମାଲିକାନାରେ ଥାଏ ।
- ଦେଶୀୟ ବା ଦେଶଜ ସଂସ୍ଥା ଗୁଡିକ ପୁଣି ଘରୋଇ ଓ ସରକାରୀ ସଂସ୍ଥାରୂପେ ବିଭାଜିତ । ଘରୋଇ ସଂସ୍ଥାଗୁଡିକ ଘରୋଇ ବ୍ୟକ୍ତି ବିଶେଷ ବା ଅନୁଷ୍ଠାନର ମାଲିକାନାରେ ଥାଏ । ସରକାରୀ ସଂସ୍ଥା ବା ଉଦ୍ୟୋଗ ସରକାରଙ୍କ ମାଲିକାନାରେ ଥାଏ ।
- ଘରୋଇ ସଂସ୍ଥା ବା ଉଦ୍ୟୋଗର ବିଭକ୍ତିକରଣ ଏପରି (କ) ଏକକ ମାଲିକାନା, (ଖ) ଭାଗିଦାରୀ ସଂସ୍ଥା (ଗ) କଂପାନୀ ଏବଂ (ଘ) ସମବାୟ ସମିତି (ଙ) ଘରୋଇ ଅଣ ଲାଭଦାୟକ ସଂସ୍ଥା ଆଦି ।
- ଗୋଟିଏ କଂପାନୀ, କଂପାନୀ ଆଇନ ୧୯୫୬ ବଳରେ ସୃଷ୍ଟିହୁଏ । ସର୍ବନିମ୍ନ (୭) ସାତଜଣ ସଭ୍ୟ ଏଥିପାଇଁ ଦରକାର ବା ଥାନ୍ତି । ସର୍ବାଧିକ ସୀମା ନାହିଁ ।
- ଗୋଟିଏ ସମବାୟ ସମିତି, ସମବାୟ ସମିତି ଆଇନ୍ ୧୯୧୨ ଦ୍ୱାରା ପ୍ରତିଷ୍ଠ ହୋଇଥାଏ । ସର୍ବନିମ୍ନ ୧୦ଜଣ ଅଂଶୀଦାର ଥାନ୍ତି । ସର୍ବାଧିକ ସୀମା ନାହିଁ ।
- ସରକାରୀ ଉତ୍ପାଦ ଉଦ୍ୟୋଗ ଗୁଡିକ ଦୁଇଭାଗରେ ବିଭକ୍ତ (୧) ବିଭାଗୀୟ (୨) ଅଣବିଭାଗୀୟ ସଂସ୍ଥା । ବିଭାଗୀୟ ସଂସ୍ଥାଗୁଡିକ କେତେକ ମନ୍ତ୍ରଣାଳୟର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ (ନିୟନ୍ତ୍ରଣରେ) ଥାଆନ୍ତି । ଅଣବିଭାଗୀୟ ସଂସ୍ଥା ଗୁଡିକ ସ୍ୱୟଂଶାସିତ ଅଟନ୍ତି ଏବଂ ସରକାରୀ ପ୍ରାଧିକୃତ ଉଦ୍ୟୋଗ ବା କର୍ପୋରେସନ ରୂପେ ପରିଚିତ ।
- ଯେଉଁ ଉତ୍ପାଦକ ସଂସ୍ଥା ବା ଏକକ ଗୁଡିକ ବିଦେଶିକ ମାଲିକାନାରେ ଥାଏ, ତାକୁ ବିଦେଶି ଉତ୍ପାଦକ ସଂସ୍ଥାବୋଲି କୁହାଯାଏ । କେତେକ ବହୁଜାତୀୟ ସଂସ୍ଥା ହୋଇଥାନ୍ତି ଏବଂ ଆଉ କେତେକ ବିଦେଶୀ ସହଯୋଗ ସଂସ୍ଥା ହୋଇଥାନ୍ତି । ଗୋଟିଏ ବହୁଜାତୀୟ ସଂସ୍ଥା ତାର ମୁଖ୍ୟ କାର୍ଯ୍ୟାଳୟ ଗୋଟିଏ ଦେଶରେ ରଖିଥାଏ କିନ୍ତୁ ଏହାର ଉତ୍ପାଦନ ପେଣ୍ଠଗୁଡିକ ବହୁଦେଶରେ / ରାଷ୍ଟ୍ରରେ ଥାଏ । ସହଯୋଗ ସଂସ୍ଥା ଉଭୟ ଅଧିବାସୀ ଓ ଅଣ ଅଧିବାସୀଙ୍କ ମାଲିକାନାରେ ଥାଏ ।

## ଅନ୍ତିମ ପ୍ରଶ୍ନାବଳୀ

୧. ଉତ୍ପାଦନ ପ୍ରକ୍ରିୟା ବ୍ୟାଖ୍ୟା କର ?

୨. ଜଣେ ଉଦ୍ୟୋଗୀ କିପରି ଏକ ଉତ୍ପାଦକ ସଂସ୍ଥା ସଂଗଠିତ କରେ ବା ପରିଚାଳିତ କରେ ।

୩. ଶ୍ରମଭିତ୍ତିକ ଓ ପୁଞ୍ଜିଭିତ୍ତିକ ଉତ୍ପାଦନ କୌଶଳର ପାର୍ଥକ୍ୟ ଦର୍ଶାଅ ।

୪. ଉତ୍ପାଦନ ଭିତ୍ତିକ ଓ ପ୍ରକ୍ରିୟା ଭିତ୍ତିକ ଶ୍ରମ ବିଭାଜନର ତାରତମ୍ୟ ଦର୍ଶାଅ ।

୫. ଦେଶଜ (ଦେଶୀୟ) ଉତ୍ପାଦନ ସଂସ୍ଥା ଓ ବିଦେଶୀ ଉତ୍ପାଦନ ସଂସ୍ଥାର ପାର୍ଥକ୍ୟ କ'ଣ ।

୬. ଘରୋଇ ଓ ସରକାରୀ ଉତ୍ପାଦକ ସଂସ୍ଥା ମଧ୍ୟରେ ପ୍ରଭେଦ କ'ଣ ?

୭. ଏକକ ମାଲିକାନା ସଂସ୍ଥା ଓ ଭାଗିଦାରୀ ସଂସ୍ଥା ମଧ୍ୟରେ ଭିନ୍ନତା ଦର୍ଶାଅ ।

୮. କଂପାନୀ ଓ ସମବାୟ ସମିତି ମଧ୍ୟରେ ଫରକ ଦର୍ଶାଅ ।
୯. ବିଭାଗୀୟ ସଂସ୍ଥା ଓ ଅଣ ବିଭାଗୀୟ ସଂସ୍ଥା ମଧ୍ୟରେ ତାରତମ୍ୟ ଦର୍ଶାଅ ।
୧୦. ସ୍ୱୟଂଶାସିତ କର୍ପୋରେସନ୍ ଓ ସରକାରୀ କଂପାନୀ ମଧ୍ୟରେ ପାର୍ଥକ୍ୟ କ'ଣ ?
୧୧. ବହୁ ଜାତୀୟ ସଂସ୍ଥା ଓ ବିଦେଶୀ ସହଯୋଗ ସଂସ୍ଥା ମଧ୍ୟରେ ତଫାତ କ'ଣ ?
୧୨. (ଫାର୍ମ) ବା ପ୍ରତିଷ୍ଠାନ ଏବଂ ଶିଳ୍ପ ମଧ୍ୟରେ ପାର୍ଥକ୍ୟ କ'ଣ ?
୧୩. ଉଭୟ (ଫାର୍ମ) ପ୍ରତିଷ୍ଠାନ ଓ ଶିଳ୍ପର ଅବଦାନ ଓ ଗୁରୁତ୍ୱ ବ୍ୟାଖ୍ୟାକର ।

## ପାଠଗତ ପ୍ରଶ୍ନର ଉତ୍ତର

**୭.୧**

(୧) ଉତ୍ପାଦନରେ ବ୍ୟବହୃତ ହେଉଥିବା କଞ୍ଚାମାଲ ସମ୍ବଳକୁ ଉପାଦାନ କୁହାଯାଏ ।
(୨) ଉପାଦାନକୁ ବ୍ୟବହାର କରି ଯେଉଁ ଦ୍ରବ୍ୟ ଓ ସେବା ଉତ୍ପନ୍ନ ହୁଏ ତାକୁ ଉତ୍ପାଦନ କୁହାଯାଏ ।
(୩) ଉତ୍ପାଦନ କ୍ରିୟା କହିଲେ ଗୋଟିଏ ଫାର୍ମ ବା ସଂସ୍ଥା ମଧ୍ୟରେ ଉପାଦାନ (input) ଏବଂ ଉତ୍ପାଦନ (output) ମଧ୍ୟରେ ଥିବା ବୈଷୟିକ ସଂପର୍କକୁ ବୁଝାଏ ।

**୭.୨**

୧. ଆମ ସାମଗ୍ରୀର ଉତ୍ପାଦନରେ, ପ୍ରତି ଏକକ ଉତ୍ପାଦନରେ ଶ୍ରମର ଅଧିକ ବ୍ୟବହାର ଓ ପୁଞ୍ଜିର କମ୍ ବ୍ୟବହାରକୁ ଶ୍ରମ ଭିତ୍ତିକ କୌଶଳ କୁହାଯିବ ।
୨. ସାମଗ୍ରୀର ଉତ୍ପାଦନରେ, ପ୍ରତି ଏକକ ଉତ୍ପାଦନରେ ପୁଞ୍ଜିର ଅଧିକ ବ୍ୟବହାର ଓ ଶ୍ରମର କମ୍ ବ୍ୟବହାରକୁ ପୁଞ୍ଜିଭିତ୍ତିକ କୌଶଳ କୁହାଯିବ ।
୩. ଉତ୍ପାଦ ଭିତ୍ତିକ - ମାଟିହାଣ୍ଡି ପାତ୍ର ତିଆରି କରିବା ।
ପ୍ରକ୍ରିୟା ଭିତ୍ତିକ - ପାଉଁରୁଟି ବା ବ୍ରେଡ ଉତ୍ପନ୍ନ କରିବା ।

**୭.୩**

୧. ସୀମାନ୍ତ ଉତ୍ପାଦ କହିଲେ ମୋଟ ଉତ୍ପାଦନର ବୃଦ୍ଧି ବା ହ୍ରାସକୁ ବୁଝାଏ ଯାହା ପ୍ରତିଟି ଏକକ ଶ୍ରମିକ (ଶ୍ରମ)ର ପରିବର୍ତ୍ତନରେ ମିଳିଥାଏ । ଅନ୍ୟାନ୍ୟ ଉପାଦାନ ଗୁଡିକ ଅପରିବର୍ତ୍ତିତ ରଖି ।

| ଶ୍ରମିକ ଏକକ | ମୋଟ ଉତ୍ପାଦ | ସୀମାନ୍ତ ଉତ୍ପାଦ | ହାରାହାରି ଉତ୍ପାଦ |
|---|---|---|---|
| ୦ | ୦ | - | - |
| ୧ | ୧୦ | ୧୦ | ୧୦ |
| ୨ | ୧୮ | ୮ | ୯ |
| ୩ | ୨୪ | ୬ | ୮ |
| ୪ | ୨୮ | ୪ | ୭ |
| ୫ | ୩୦ | ୨ | ୬ |
| ୬ | ୨୪ | -୬ | ୪ |

## ପାଠ୍ୟ ପ୍ରଶ୍ନାବଳୀ ୭.୪

୧. କ୍ରମ ହ୍ରାସମାନ ସୀମାନ୍ତ ଉତ୍ପାଦନ ସୂତ୍ର ସୂଚିତ କର ଯେ, ପରିବର୍ତ୍ତନଶୀଳ ଉପାଦାନର (ପରିବର୍ତ୍ତନୀୟ ଉପାଦାନ) ଧାରାବାହିକ ବୃଦ୍ଧି ଫଳରେ ସୀମାନ୍ତ ଉତ୍ପାଦନ ପ୍ରାରମ୍ଭିକ ଅବସ୍ଥାରେ ବୃଦ୍ଧିପାଇବ ଯେ ପର୍ଯ୍ୟନ୍ତ ଏକ ନିର୍ଦ୍ଦିଷ୍ଟ ବିନ୍ଦୁରେ ନ ପହଞ୍ଚିଛି, କିନ୍ତୁ ତା ପରେ ତାହା ହ୍ରାସପାଇବ ଏବଂ ଋଣାତ୍ମକ ହୋଇଯିବ, ଅନ୍ୟାନ୍ୟ ଉପାଦାନ ଗୁଡ଼ିକ ଅପରିବର୍ତ୍ତନୀୟ ବା ସ୍ଥିର ରଖି ।

୨. ସୀମାନ୍ତ ଉତ୍ପାଦ ସର୍ବାଧିକ

୩. ଯେତେବେଳେ ସୀମାନ୍ତ ଉତ୍ପାଦ ଋଣାତ୍ମକ ହୁଏ ।

## ପାଠଗତ ପ୍ରଶ୍ନାବଳୀ ୭.୫

୧. ଯେଉଁ ପ୍ରକ୍ରିୟାରେ ସମ୍ବଳ (ଉପାଦାନ) ହାସଲ କରାହୁଏ, ସେମାନଙ୍କ ସେବା ଓ ଅବଦାନକୁ ଉପଯୋଗ କରାଯାଇ ଦ୍ରବ୍ୟ ଓ ସେବା ଉତ୍ପନ୍ନ କରାହୁଏ ତାକୁ ଉତ୍ପାଦନ ପ୍ରକ୍ରିୟା କୁହାଯାଏ ।

୨. ଉଦ୍ୟୋଗୀ (ସଂଗଠକ)

## ପାଠଗତ ପ୍ରଶ୍ନ ୭.୬

୧. ଏକ ନିର୍ଦ୍ଦିଷ୍ଟ ଦ୍ରବ୍ୟ କୌଣସି ଏକକ ଉତ୍ପାଦନ କେନ୍ଦ୍ରରେ ହେଉଥିଲେ ତାକୁ (ଫାର୍ମ) ବା ପ୍ରତିଷ୍ଠାନ କୁହାଯାଏ ।

୨. ଶିଳ୍ପ କହିଲେ ଏକାପ୍ରକାର ବା ସମାନ ଧରଣର ସାମଗ୍ରୀ ଉତ୍ପାଦନ କରୁଥିବା ଉତ୍ପାଦନ ପ୍ରତିଷ୍ଠାନର ସମାହାର ।

## ପାଠଗତ ପ୍ରଶ୍ନ ୭.୭

| | | | |
|---|---|---|---|
| (୧)(ଗ) | (୨) ଘ | (୩) ଖ | (୪) ଗ |
| (୫) ଘ | (୬) ଖ | (୭) ଗ | (୮) ଗ |

# ୮

# ପରିବ୍ୟୟ ଓ ଆୟ

ଜଣେ ଉତ୍ପାଦକ ଦ୍ରବ୍ୟ ଓ ସେବା ଉତ୍ପାଦନ ପାଇଁ ଅନେକ କଷ୍ଟ କରିଥାନ୍ତି । ଉତ୍ପାଦନ ପ୍ରକ୍ରିୟାରେ ତାଙ୍କୁ ଅନେକ ପ୍ରଚେଷ୍ଟା କରିବାକୁ ପଡିଥାଏ । ସର୍ବପ୍ରଥମେ ଉଦ୍ୟୋଗୀ ଅର୍ଥ ଯୋଗାଡ କରନ୍ତି ଉତ୍ପାଦନ କ୍ରିୟାକଳାପ ପାଇଁ । ଆମେ ଆଗରୁ କହିରଖିଛୁ ଯେ, ଦ୍ରବ୍ୟ ଉତ୍ପାଦନ ପାଇଁ ଭୂମି, ଶ୍ରମ ଏବଂ ପୁଞ୍ଜି ଦରକାର । ଏ ସବୁ ଉପାଦାନ ମାଗଣାରେ ଉପଲବ୍ଧ ନୁହେଁ । ତେଣୁ ଉତ୍ପାଦନକାରୀ ଏ ସମସ୍ତ ଉପାଦାନ ପାଇଁ ଆବଶ୍ୟକ ସେତିକି କ୍ରୟ କରନ୍ତି ଯେତିକି ଆବଶ୍ୟକ । ସେହିପରି କଞ୍ଚାମାଲ ଏବଂ ଅନ୍ୟାନ୍ୟ ଜିନିଷ କିଣିବାକୁ ପଡେ ଏବଂ ଗଚ୍ଛିତ ରଖିବାକୁ ହୁଏ । ଏ ସବୁ ଜିନିଷ କ୍ରୟ କରିବା ପାଇଁ ଉତ୍ପାଦନକାରୀ, ଏଥିପାଇଁ ଦାମ ଦେବାକୁ ପ୍ରସ୍ତୁତ ଥିବା ଦରକାର ।

ଦ୍ରବ୍ୟ ଓ ସେବା ଥରେ ପ୍ରସ୍ତୁତ ହୋଇଗଲେ, ଉତ୍ପାଦନକାରୀ ଏହାକୁ ବଜାରରେ ବିଭିନ୍ନ ଗ୍ରାହକଙ୍କୁ ବିକ୍ରୟ କରନ୍ତି । ସେ ସମୟରେ ଗ୍ରାହକମାନେ ସେବା ଓ ସାମଗ୍ରୀ କ୍ରୟ କରିବାପାଇଁ ଉତ୍ପାଦନକାରୀଙ୍କୁ ଦାମ୍ ଦିଅନ୍ତି । ଏଥି ସହିତ ଉତ୍ପାଦନକାରୀ ପଇସା ରୋଜଗାର କରିବା ଆରମ୍ଭ କରନ୍ତି । ତେଣୁ ଦ୍ରବ୍ୟ ଓ ସେବା ଉତ୍ପନ୍ନ କରିବାପାଇଁ ପ୍ରଥମେ ଉଦ୍ୟୋଗୀ ଖର୍ଚ୍ଚ ବହନ କରନ୍ତି ଉତ୍ପାଦନର ବିଭିନ୍ନ ଉପାଦାନ କ୍ରୟ କରିବାପାଇଁ, କିନ୍ତୁ ତାପରେ ଗ୍ରାହକ ମାନଙ୍କଠାରୁ ପଇସା ପାଆନ୍ତି ସେବା ଓ ସାମଗ୍ରୀ ସେମାନଙ୍କୁ ବିକ୍ରିୟ କରି ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟର ପରିସମାପ୍ତି ପରେ ତୁମେ ଜାଣିପାରିବ :

- ବିଭିନ୍ନ ପ୍ରକାର ପରିବ୍ୟୟ (Cost )
- ବିଭିନ୍ନ - ପ୍ରକାରର ପରିବ୍ୟୟ (Cost ) କିପରି ହିସାବ କରାଯିବ;
- ଆୟ (Revenue) ର ଧାରଣା ସମ୍ବନ୍ଧରେ ଜାଣିବା

## ୮.୧ ପରିବ୍ୟୟର ଅର୍ଥ କ'ଣ ?

ପରିବ୍ୟୟର ଅର୍ଥ ବୁଝିବାକୁ ହେଲେ ଜଣେ କୃଷକର ଉଦାହରଣ ନିଆଯାଉ ଯିଏ ଧାନ (ଚାଉଳ) ଉତ୍ପାଦନ କରନ୍ତି । ତୁମେ ଜାଣ ଯେ ସାଧାରଣତଃ ଧାନ ଉତ୍ପାଦନ ପାଇଁ ପାଞ୍ଚରୁ ଛଅ ମାସ ଦରକାର । ଧାନ ଉତ୍ପାଦନ ପାଇଁ ନିମ୍ନଲିଖିତ ଜିନିଷ ଗୁଡିକ ଦରକାର ।

(କ) ଚାଷପାଇଁ ଜମି ଦରକାର ।

(ଖ) ଫସଲ ଚାଷପାଇଁ ଶ୍ରମିକ ଲଗାଇ ଜମି ପ୍ରସ୍ତୁତ କରିବାକୁ ପଡିବ । ଏଥିରେ ମାଟିକୁ ହଳ କରିବାଠାରୁ ଆରମ୍ଭକରି, ବିହନ ବୁଣିବା, ସାରପିଡିଆ, ଜମିର ଜଳସେଚନ ଏବଂ ଶେଷରେ ଫସଲ ଅମଳ ପର୍ଯ୍ୟନ୍ତ କରିବାକୁ ପଡେ ।

(ଗ) ଧାନକୁ ଗୋଦାମ/ମଣ୍ଡି ବା ବଜାରକୁ ବୋହିନେବାକୁ ପଡେ ।

କୃଷକଟି ଜମି କିପରି ପାଏ ? ହୁଏତ ଏହା ସମ୍ଭବ କୃଷକର ପୈତୃକ ସଂପତ୍ତି ଥାଇପାରେ । ଅଥବା ତାକୁ ଅନ୍ୟଠାରୁ ଜମି ଖଜଣା ଦେଇ ଚୁକ୍ତିରେ ଆଣିବାକୁ ପଡେ । ଅବଶ୍ୟ ତାପାଖେ ବିକଳ୍ପ ଥାଏ ସେ ଜମି କିଣିପାରେ ବହୁତ ଦାମ ଦେଇକରି । ବର୍ତ୍ତମାନ ଉଦାହରଣରେ ଆମେ ଧରିନେବା କୃଷକଟି (ପାଞ୍ଚ) ଏକର ଜମି ଖଜଣା ଦେଇ ଚୁକ୍ତିରେ ଆଣିଛି । ଧରନ୍ତୁ ତାକୁ ଜମି ମାଲିକକୁ ପୂର୍ଣ୍ଣ/ଉପଯୋଗ ସମୟପାଇଁ ୫୦୦୦ଟଙ୍କା ଦେବାକୁ ହେବ ।

କୃଷକଟିକୁ ପାଞ୍ଚମାସ ଧରି କାମ କରିବାପାଇଁ ଶ୍ରମିକ ଦରକାର । ଧରନ୍ତୁ କୃଷକ ଚାରିଜଣ ଶ୍ରମିକ ନିୟୋଜିତ କଲେ । ପ୍ରଥମ ଦୁଇମାସରେ ସେ ଜମି ଚାଷ ବା ହଳ ପାଇଁ, ବିହନ ବୁଣିବା ପାଇଁ, ତଳି ବୋହିବା ପାଇଁ, ତଳି ରୋଇବା ପାଇଁ, ପିଡିଆ ଏବଂ ଜମିର ଜଳସେଚନ ପାଇଁ ଏଇ ଶ୍ରମିକ ମାନଙ୍କୁ ନିୟୋଜିତ କରିବ । ଶ୍ରମିକଟିଏ ପାଇବାକୁ ହେଲେ କୃଷକକୁ ମଜୁରୀ ଦେବାକୁ ହେବ । ଧରି ନିଆଯାଉ ବଜାରରେ ଜଣେ ଶ୍ରମିକର ଦିନକର ମଜୁରୀ ହେଉଛି ୭୫ଟଙ୍କା । କୃଷକ ପ୍ରଥମେ ଦୁଇଟି ଶ୍ରମିକ ନିୟୋଜିତ କରିଥିଲେ । ପ୍ରଥମେ ଦୁଇମାସ ପାଇଁ କେବେଳ ଗଛ ବଞ୍ଚିବା ପାଇଁ ଯତ୍ନ ନେବା । ଯେତେବେଳେ ଅମଳ ସମୟ ଆସିଲା ସେ ୪ଜଣ ଶ୍ରମିକଙ୍କୁ ୧୫ଦିନ ପାଇଁ ନିୟୋଜିତ କଲା । ତା ହେଲେ କୃଷକ ସମୁଦାୟ କେତେ ଟଙ୍କା ଶ୍ରମିକଙ୍କୁ ଦେଲା ? ପ୍ରଥମ ୪ଜଣ ଶ୍ରମିକ ୨ମାସ ବା ୬୦ ଦିନ ପାଇଁ କାମ କଲେ ତାହେଲେ ୭୫ଟଙ୍କା ହିସାବରେ ଏହା ୭୫X ୪ X୬୦ = ୧୮୦୦୦ ଟଙ୍କା । ତା ପରେ ଦୁଇଜଣ ଶ୍ରମିକ ଦୁଇମାସ କାମ କଲେ । ଅତଏବ ୭୫ X୨X ୬୦ = ୯୦୦୦ଟଙ୍କା । ଶେଷରେ ୪ ଜଣ ଶ୍ରମିକ କାମ କଲେ ୧୫ଦିନ ପାଇଁ । ଏହାହେଲା ୭୫X ୪X ୧୫=୪୫୦୦ ଟଙ୍କା । ଶ୍ରମିକ ମାନଙ୍କୁ ସମୁଦାୟ ୧୮୦୦୦+୯୦୦୦+୪୫୦୦=୩୧୫୦୦ଟଙ୍କା ଦିଆଗଲା ।

ଫସଲ ବଢ଼ାଇବା ପାଇଁ କୃଷକ କଞ୍ଚାମାଲ ଭାବେ ବିହନ, ଜଳ, ସାର ପିଡିଆ କୀଟନାଶକ ଆଦି ଉପଯୋଗ କଲେ ଯେଉଥିପାଇଁ ଧରନ୍ତୁ ସେ ୩୦୦୦ଟଙ୍କା ଖର୍ଚ୍ଚ କରେ । ଟ୍ରାକ୍ଟର ପାଇଁ ମଧ ସେ ବ୍ୟବହାର କରିଛି ୨୫୦୦ଟଙ୍କା । ଅମଳ ପରେ କୃଷକ ଯଦି ୩୦କ୍ୟୁଣ୍ଟାଲ ଧାନ ଆମଦାନୀ କଲା ବା ଉତ୍ପନ୍ନ କଲା । ବର୍ତ୍ତମାନ ଧାନ ଉତ୍ପାଦନ ପାଇଁ ସମୁଦାୟ କେତେ ପଇସା କୃଷକ ଖର୍ଚ୍ଚକଲା ହିସାବ ନିଅ । ଆମେ ଏପରି ନେଇପାରିବା ।

| କି ପ୍ରକାରର | ଖର୍ଚ୍ଚ (ଟଙ୍କାର) |
|---|---|
| ଜମି ମାଲିକର ଖଜଣା - | ୫୦୦୦ |
| ଶ୍ରମିକଙ୍କ ମଜୁରୀ - | ୩୧୫୦୦ |
| ଅନ୍ୟାନ୍ୟ କଞ୍ଚାମାଲ ସାମଗ୍ରୀ | ୩୦୦୦ |
| ଟ୍ରାକ୍ଟର ଭଡା | ୨୫୦୦ |
| ସମୁଦାୟ (ମୋଟ୍) | ୪୨୦୦୦ |

ଆମେ କହିପାରିବା ଯେ, କୃଷକଟି ମୋଟ ୪୨୦୦୦ଟଙ୍କା ଖର୍ଚ୍ଚ କରିଛି ୩୦ କ୍ୟୁଣ୍ଟାଲ ଧାନ ଉତ୍ପାଦନ କରିବା ପାଇଁ ।

**ପରିବ୍ୟୟର ସଂଜ୍ଞା : -**

ପରିବ୍ୟୟ କହିଲେ ଦ୍ରବ୍ୟ ଓ ସେବା ଉତ୍ପାଦନ କରିବା ପାଇଁ ଉତ୍ପାଦନକାରୀ ଯେଉଁ ଖର୍ଚ୍ଚ ବହନ କରନ୍ତି ଉତ୍ପାଦନର ବିଭିନ୍ନ ଉପାଦାନକୁ କ୍ରୟ କରିବାରେ ବା ଚୁକ୍ତି କରି ଆଣିବାରେ । ଏକ ପ୍ରକାର କହିଲେ ପରିବ୍ୟୟ ଉତ୍ପାଦନକାରୀର ଏକ ଉତ୍ସର୍ଗ ବା ତ୍ୟାଗ । ଏହି ଉଦାହରଣରେ ତ୍ୟାଗ ହେଉଛି ଉପାଦାନ ଗୁଡିକର ମୂଲ୍ୟଦେବା ଯଥା, ଶ୍ରମିକକୁ ମଜୁରୀ, ଜମିର ବା ଟ୍ରାକ୍ଟର ଖଜଣା/ମୂଲ୍ୟ ଏବଂ ଅନ୍ୟାନ୍ୟ କଞ୍ଚାମାଲ ପାଇଁ ଖର୍ଚ୍ଚ ବହନ କରିବା ଆଦି ।

### ପାଠଗତ ପ୍ରଶ୍ନାବଳୀ ୮.୧

୧. କୃଷକ ଉତ୍ପାଦନର ଉପାଦାନ ଗୁଡିକୁ କି କି ମୂଲ୍ୟ ଦେଇ କିଣେ ଲେଖ ।

୨. ପରିବ୍ୟୟ କିଏ ବହନ କରେ ?

## ୮.୨ ପରିବ୍ୟୟ କେତେ ପ୍ରକାର:

ଉପର ଲିଖିତ ଉଦାହରଣରୁ ଆମେ ଏଇ କେତେକ ପରିବ୍ୟୟ ପାଇବା ।

(କ) ସ୍ଥିର ପରିବ୍ୟୟ

(ଖ) ପରିବର୍ତ୍ତନୀୟ ପରିବ୍ୟୟ

(ଗ) ପ୍ରକାଶ୍ୟ ପରିବ୍ୟୟ

(ଘ) ଲକ୍କାୟିତ ପରିବ୍ୟୟ

ଆସନ୍ତୁ ଗୋଟିଏ ପରେ ଗୋଟେ ଆଲୋଚନା କରିବା

### (କ) ସ୍ଥିର ପରିବ୍ୟୟ :

ଉପରୋକ୍ତ ଉଦାହରଣରେ ଆମେ କହିଲେ ଯେ, କୃଷକଟି ଜମିମାଲିକକୁ୫୦୦୦ ଟଙ୍କା ଦେଇଛି । ଥରେ ଯଦି ଚାଷପାଇଁ ଜମି ଅଣାଗଲା, ସେଥିରେ ସେ କିଛି ଉତ୍ପନ୍ନ କରୁ ଅବା ନକରୁ କିନ୍ତୁ ସେଥିପାଇଁ ଖଜଣା ଦେବ । ଏଠାରେ ଜମି ହେଉଛି ସ୍ଥିର ବା ସ୍ଥାୟୀ ଉପାଦାନ । କାରଣ ସେ ସମୁଦାୟ ୫ଏକରରେ ଚାଷ କରୁ ଅବା ନକରୁ କିନ୍ତୁ ୫ଏକର ଜମିପାଇଁ ତାକୁ ଖଜଣା ଦେବାକୁ ହେବ । ଏହା ସ୍ଥିର, ଏଣୁ "ସ୍ଥିର ବା ସ୍ଥାୟୀ ପରିବ୍ୟୟ କହିଲେ ଆମେ ସେଇ ଖର୍ଚ୍ଚକୁ ବୁଝିବା ଯାହାକୁ ଆମକୁ ବାଧ୍ୟତାମୂଳକ ଭାବେ ସ୍ଥିର/ସ୍ଥାୟୀ ଉପାଦାନ ହାସଲ କରିବାକୁ ଦେବାକୁ ପଡିବ । ସେଥିରେ କିଛି ଯାଆସେ ନାହିଁ ଯେ ଆମେ କେତେ କ'ଣ ପରିମାଣର ଉତ୍ପାଦନ କଲେ ଦ୍ରବ୍ୟ ବା ସେବା ।" ସେହିପରି ଟ୍ରାକ୍ଟର ବାବଦରେ ଦିଆଯାଇଥିବା ମୂଲ୍ୟ ମଧ୍ୟ ଏକ ସ୍ଥିର ପରିବ୍ୟୟ ।

### (ଖ) ପରିବର୍ତ୍ତନୀୟ ପରିବ୍ୟୟ : (Variable Cost )

ଉପର ଉଦାହରଣରେ ଆମେ ଦେଖିଲେ ଯେ, କୃଷକଟି ଶ୍ରମିକଙ୍କୁ ୩୧୫୦୦ଟଙ୍କା ମଜୁରୀ ହିସାବରେ ଦେଇଛି । ୩୦୦ଟଙ୍କା କଞ୍ଚାମାଲ କିଣିବାପାଇଁ ଦେଇଛି । ମଜୁରୀ କେତେ ଦିଆଯାଏ ତା ନିର୍ଭର

କରେ ଉତ୍ପାଦନକାରୀ କେତେ ଶ୍ରମିକ କାମରେ ଲଗାଏ । ଶ୍ରମ ଉତ୍ପାଦନର ଏକ ଉପାଦାନ ଭାବେ ପରିବର୍ତ୍ତନ ଯୋଗ୍ୟ । ଉଦାହରଣରେ ଆମେ ଦେଖିଲେ ଯେ, କୃଷକ ଦୁଇମାସରେ ୪ଜଣ ଶ୍ରମିକ ବିନିଯୋଗ କରିଛି ଏବଂ ମାତ୍ର ଦୁଇ (୨) ଜଣ ଶ୍ରମିକ ପରବର୍ତ୍ତୀ ଦୁଇମାସ ପାଇଁ ଲଗାଇଛି । ଏହାର କାରଣ ଆରମ୍ଭରୁ ଅଧିକା କାମ ଥାଏ ଏବଂ ଅଧିକା ଶ୍ରମିକ ଦରକାର ପଡେ । ଏଣୁ ଅଧିକା ମଜୁରୀ ଯଥା ୧୮୦୦୦ଟଙ୍କା ଦିଆଯାଇଛି । କିନ୍ତୁ ଯେତେବେଳେ ପରବର୍ତ୍ତୀ ଦୁଇମାସରେ କାମ, କମ ହୋଇଯାଇଛି ଦୁଇଟି ଶ୍ରମିକ ମାତ୍ର ନିଯୁକ୍ତ ହୋଇଛନ୍ତି ଏବଂ ମଜୁରୀ ୯୦୦୦ ଟଙ୍କାକୁ ଖସି ଆସିଛି । ଅତଏବ ମଜୁରୀ ଦେୟ ପରିବର୍ତ୍ତନଶୀଳ । ଆମେ ଏଇ ସିଦ୍ଧାନ୍ତରେ ପହଞ୍ଚିଲେ ଯେ, ପରିବର୍ତ୍ତନୀୟ ପରିବ୍ୟୟ ହେଉଛି ପରିବର୍ତ୍ତନୀୟ ଉପାଦାନ ପାଇଁ ଦିଆଯାଉଥିବା ଖର୍ଚ୍ଚ ଯଥା ଶ୍ରମିକ/ଶ୍ରମ ଯାହାକୁ ବଦଳାଯାଇ ପାରିବ କମ ବା ବେଶି କରାଯାଇପାରିବ ।

### (ଗ) ଉନ୍ମୁକ୍ତ ପରିବ୍ୟୟ ବା ପ୍ରକାଶ୍ୟ ପରିବ୍ୟୟ (Explicit cost )

ଉଭୟ ଜମିପାଇଁ ଖଜଣା ଓ ଶ୍ରମ ପାଇଁ ମଜୁରୀ ଏବଂ କଞ୍ଚାମାଲ ପାଇଁ ଦିଆଯାଇଥିବା ଖର୍ଚ୍ଚକୁ ପ୍ରକାଶ୍ୟ ପରିବ୍ୟୟ କୁହାଯିବ । ପ୍ରକାଶ୍ୟ ପରିବ୍ୟୟ ହେଉଛି ସେଇ ପରିବ୍ୟୟ ଯାହାକୁ ଉତ୍ପାଦକାରୀ ମୁଦ୍ରାଦେଇ ଉଭୟ ସ୍ଥାୟୀ ଏବଂ ପରିବର୍ତ୍ତନୀୟ ଉପାଦାନ ତଥା ଅନ୍ୟାନ୍ୟ କଞ୍ଚାମାଲ ପାଇଁ କ୍ରୟ କରିଥାଏ । ଏଗୁଡିକ ସବୁ ପ୍ରତ୍ୟେକ୍ଷ ଭାବେ କ୍ରୟକରେ । ଏଣୁ ଉପଯୁକ୍ତ ହିସାବ ହୋଇ ଅଲଗା ଭାବେ ରଖାଯାଏ ବା ନଥିଯୁକ୍ତ ହୁଏ । ବିଲ୍, କ୍ୟାସ୍‌ମେମୋ, ମନିରସିଦ୍ ବା ଭାଉଚର ଆଦି କରାଯାଇଥିବା ଖର୍ଚ୍ଚପାଇଁ ଥାଏ ।

### (ଘ) ଲୁକ୍‌କାୟିତ ବା ଅପ୍ରକାଶ୍ୟ ପରିବ୍ୟୟ : (Implicit Cost)

ଏହା ବ୍ୟତୀତ ଉତ୍ପାଦାନର ଉପାଦନ ତଥା କଞ୍ଚାମାଲ କ୍ରୟ କରିବା ପରେ ମଧ ଉତ୍ପାଦକ ତା ନିଜ ଉପାଦାନ ତଥା କଞ୍ଚାମାଲ ତ ବ୍ୟବହାର କରେ ଦ୍ରବ୍ୟ ଓ ସେବା ଉତ୍ପାଦନ ପାଇଁ । ଏଥିପାଇଁ ସେ ନିଜକୁ କିଛି ପଇସା / ମୂଲ୍ୟ ଦିଏ ନାହିଁ । କିନ୍ତୁ ପରୋକ୍ଷରେ ଏହି ଖର୍ଚ୍ଚ ସେ ବହନ କରେ । ଉଦାହରଣ ନିଜ ଟ୍ରାକ୍ଟରକୁ ହଳପାଇଁ ଲଗାଇବା । ଯଦି ସେ ଟ୍ରାକ୍ଟରଟି କାହାଠୁ ଭଡାରେ ଆଣିଥାନ୍ତା ସେଥିପାଇଁ ତାକୁ ଭଡା ଦେବାକୁ ପଡିଥାନ୍ତା । ସେ କ୍ଷେତ୍ରରେ ତାକୁ ପ୍ରକାଶ୍ୟ ପରିବ୍ୟୟ କୁହାଯାଇଥାନ୍ତା । ଧରନ୍ତୁ ଟ୍ରାକ୍ଟର ଭଡା ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ୩୦୦୦ଟଙ୍କା ଅନ୍ୟପକ୍ଷରେ ସେ ତା ନିଜ ଟ୍ରାକ୍ଟର ପ୍ରୟୋଗକଲେ ସେ ୩୦୦୦ଟଙ୍କାର ମୂଲ୍ୟ ଉତ୍ପାଦନ ପାଇଁ ଦେଉଛି ସେ ଭଡା ଦେଲେ ୩୦୦୦ ଟଙ୍କା ପାଆନ୍ତା । ଏ କ୍ଷେତ୍ରରେ ଏହାକୁ କୃଷକର ଅପ୍ରକାଶ୍ୟ ପରିବ୍ୟୟ ବା ଲୁକ୍‌କାୟିତ ପରିବ୍ୟୟ କୁହାଯିବ । ଏଣୁ ଅପ୍ରକାଶ୍ୟ ପରିବ୍ୟୟ କହିଲେ ନିଜେ ଯୋଗାଉଥିବା ଉପାଦାନର ମୂଲ୍ୟକୁ ବୁଝାଇବ । ଏ ସବୁର ମୂଲ୍ୟ ବଜାର ଦର ହିସାବରେ ହିସାବ ହେବା ଦରକାର ।

## ୮.୩ ମୋଟ ପରିବ୍ୟୟ ଓ ହାରାହାରି ପରିବ୍ୟୟ

ମୋଟ ପରିବ୍ୟୟ ହେଉଛି ମୋଟ ସ୍ଥାୟୀ ବା ସ୍ଥିର ପରିବ୍ୟୟ ଓ ମୋଟ ପରିବର୍ତ୍ତୀ ପରିବ୍ୟୟର ସମ୍ମିଶ୍ରଣ । ହାରାହାରି ମୋଟ ପରିବ୍ୟୟ ବା ହାରାହାରି ପରିବ୍ୟୟ ହେଉଛି ମୋଟ ପରିବ୍ୟୟ ଓ ମୋଟ ଉତ୍ପାଦନ ମଧରେ ଥିବା ଅନୁପାତ । ଆମେ ଏପରି ଲେଖି ପାରିବା ।

ମୋଟ ପରିବ୍ୟୟ (TC) = ମୋଟ ସ୍ଥିର ପରିବ୍ୟୟ + ମୋଟ ପରିବର୍ତ୍ତୀ ପରିବ୍ୟୟ

$$\text{ହାରାହାରି ପରିବ୍ୟୟ (AC)} = \frac{\text{ମୋଟ୍ ପରିବ୍ୟୟ}}{\text{ମୋଟ ଉତ୍ପାଦନ}}$$

ହାରାହାରି ପରିବ୍ୟୟ କହିଲେ ପ୍ରତ୍ୟେକଟି ବା ପ୍ରତି ଏକକ ଉତ୍ପାଦନ ପାଇଁ ବହନ କରାଯାଇଥିବା ପରିବ୍ୟୟ ।

### ସୀମାନ୍ତ ପରିବ୍ୟୟ :

ଉତ୍ପାଦକ ଯଦି ଉତ୍ପାଦକ ବୃଦ୍ଧି କରିବାପାଇଁ ଚାହିଁବ ତେବେ ତାକୁ ଅତିରିକ୍ତ ଶ୍ରମ ବା ଶ୍ରମିକ ବିନିଯୋଗ କରିବାକୁ ପଡିବ । ଅତିରିକ୍ତ ଶ୍ରମିକର ଅର୍ଥ ଅତିରିକ୍ତ ମଜୁରୀ । ଯାହାର ଅର୍ଥ ମୋଟ ପରିବ୍ୟୟର ବୃଦ୍ଧି । ସଂକ୍ଷିପ୍ତରେ କହିଲେ ମୋଟ ଉତ୍ପାଦନର ବୃଦ୍ଧି ଅର୍ଥ ମୋଟ ଉତ୍ପାଦନ ପରିବ୍ୟୟର ବୃଦ୍ଧି । ଏହି ପରିପ୍ରେକ୍ଷୀରେ ସୀମାନ୍ତ ପରିବ୍ୟୟ କହିଲେ ଅତିରିକ୍ତ ଉତ୍ପାଦନର ପ୍ରତିଟି ଏକକ ବୃଦ୍ଧି ସହିତ ମୋଟ୍ ପରିବ୍ୟୟରେ ହେଉଥିବା ବୃଦ୍ଧିକୁ ବୁଝାଇବ ।

**ଉଦାହରଣ :** ଧରନ୍ତୁ ଦରଜୀ ୧୧୧୦ଟଙ୍କା ଖର୍ଚ୍ଚକରି ୧୦ଟି ସାର୍ଟ ତିଆରି କଲେ । ପରେ ସେ ସାର୍ଟ ଉତ୍ପାଦନ ୧୧କୁ ବଢ଼ାଇଲେ ଯେଉଁଥିପାଇଁ ତାଙ୍କୁ ୧୧୯୯ଟଙ୍କା ପଡିଲା । ତେବେ ସୀମାନ୍ତ ଉତ୍ପାଦନ କେତେ ?

ଉତ୍ତର : ଏଠାରେ ଉତ୍ପାଦନ ବୃଦ୍ଧି ହେଉଛି ୧୧-୧୦=୧ । ଗୋଟିଏ ମାତ୍ର ସାର୍ଟର ଅଧିକା ଉତ୍ପାଦନ ଫଳରେ ପରିବ୍ୟୟ ବଢ଼ିଲା ୮୯ଟଙ୍କା । ସୀମାନ୍ତ ପରିବ୍ୟୟ ୮୯ ଟଙ୍କା (୧୧୯୯-୧୧୧୦) ।

### ପାଠଗତ ପ୍ରଶ୍ନାବଳୀ ୮.୨

୧. ଯଦି ୪୮ଟି ସାମଗ୍ରୀ ଉତ୍ପାଦନ ହେଲା ଯେଉଁଥିରେ ସ୍ଥାୟୀ ପରିବ୍ୟୟ ହେଉଛି ୧୮୦ ଟଙ୍କା ଏବଂ ମୋଟ ପରିବର୍ତ୍ତନୀୟ ପରିବ୍ୟୟ ହେଉଛି ୩୦୦ଟଙ୍କା ତେବେ ହାରାହାରି ପରିବ୍ୟୟ ଉତ୍ପାଦନ ପାଇଁ କେତେ ପଡିଲା ।

୨. ପ୍ରକାଶ୍ୟ ପରିବ୍ୟୟ କ'ଣ ?

୩. ଧରାଯାଉ ପ୍ରଥମ ପ୍ରଶ୍ନରେ ୪୮ ପରିବର୍ତ୍ତେ ୪୯ଟିକୁ ଉତ୍ପାଦନ ବୃଦ୍ଧି କରାଗଲା ଯାହା ଫଳରେ ପରିବର୍ତ୍ତନୀୟ ପରିବ୍ୟୟ ୩୦୭ଟଙ୍କାକୁ ବୃଦ୍ଧି ପାଇଲା ତେବେ ସୀମାନ୍ତ ପରିବ୍ୟୟ କେତେ ?

## ୮.୪ ସୀମାନ୍ତ ପରିବ୍ୟୟ ଓ ହାରାହାରି ପରିବ୍ୟୟର ତୁଳନା ବା ପାର୍ଥକ୍ୟ

ଉପର ଉଦାହରଣରେ ସୀମାନ୍ତ ପରିବ୍ୟୟର ଗୋଟିଏ ନମୁନାର ହିସାବ ଦର୍ଶାଯାଇଛି ଆମେ କିନ୍ତୁ ଦୁଇଟି ଭିନ୍ନ ହାରାହାରି ପରିବ୍ୟୟର ହିସାବ ନେଇପାରିବା । ପ୍ରଥମ ହାରାହାରି ପରିବ୍ୟୟର ମୂଲ୍ୟ ୧୦ଟି ସାର୍ଟକୁ ନେଇ ୧୧୧୦ ଟଙ୍କାର ମୋଟ ପରିବ୍ୟୟକୁ ନେଇ । ଏଣୁ ହାରାହାରି ପରିବ୍ୟୟ ହେଲା = $\frac{୧୧୧୦}{୧୦}$ =୧୧୧ ଟଙ୍କା

ଦ୍ୱିତୀୟ ହାରାହାରି ପରିବ୍ୟୟ (AC) ୧୧ଟି ସାର୍ଟ ଉତ୍ପାଦନକୁ ୧୧୯୯ଟଙ୍କା

ଏଠାରେ (AC) = $\frac{୧୧୯୯}{୧୧}$ =୧୦୯ଟଙ୍କା

ଏଥିରୁ ଆମେ ଜାଣିଲେ ଯେ, ହାରାହାରି ପରିବ୍ୟୟ ଏକ ନିର୍ଦ୍ଦିଷ୍ଟ ଉତ୍ପାଦନକୁ ନେଇ ହିସାବ କରାଯାଏ । ଅନ୍ୟପଟେ ସୀମାନ୍ତ ପରିବ୍ୟୟ ହିସାବ କରାଯାଇପାରେ ଯଦି ଉତ୍ପାଦନକୁ ଗୋଟିଏ ଏକକ ବୃଦ୍ଧି କରାଯାଏ । ଅତଏବ ସୀମାନ୍ତ ପରିବ୍ୟୟ ଦୁଇଟି ପରପର ଉତ୍ପାଦନ ସ୍ତରକୁ ନେଇ ହିସାବ କରାଯାଏ ।

ଆମେ ଗୋଟିଏ ସାରଣୀରେ ଏହାକୁ ଦର୍ଶାଇପାରିବା :

| ଉତ୍ପାଦନର ଏକକ (ସାର୍ଟ ଏକକ) | ମୋଟ ପରିବ୍ୟୟ (ଟଙ୍କାରେ) | ହାରାହାରି ପରିବ୍ୟୟ (ଟଙ୍କାରେ) | ସୀମାନ୍ତ ପରିବ୍ୟୟ (ଟଙ୍କାରେ) |
|---|---|---|---|
| ୧୦ | ୧୧୧୦ | ୧୧୧ | ....... |
| ୧୧ | ୧୧୯୯ | ୧୦୯ | ୮୯ |

## ୮.୫ ଆୟ (Revenue)

ଆୟ ଅର୍ଥନୀତିର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ତତ୍ତ୍ୱ । ପ୍ରକୃତରେ ପରିବ୍ୟୟର ଅଧ୍ୟୟନ ପୂର୍ଣ୍ଣାଙ୍ଗ ନୁହେଁ ଯଦି ଆମେ ଆୟର କଥା ଜାଣିବେ ବା କହୁନେ । ଆୟ କ'ଣ ?

### ଆୟର ସଂଜ୍ଞା

ଆୟ କହିଲେ ଜଣେ ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ପରିମାଣର ସାମଗ୍ରୀ ବିକ୍ରୟକରି ପ୍ରାପ୍ୟ ହେଉଥିବା ଅର୍ଜନକୁ ବୁଝାଏ । ତୁମେ ଜାଣଯେ ଦ୍ରବ୍ୟଟିଏ ବଜାରରେ କ୍ରୟ କରାଯାଇପାରିବ ଏକ ନିର୍ଦ୍ଦିଷ୍ଟ ଦାମ୍ ଦେଇ । ତେଣୁ ଆୟକୁ ହିସାବ କରାଯାଇପାରିବ କୌଣସି ବସ୍ତୁର ପରିମାଣକୁ ଦାମ୍‌ରେ ଗୁଣି । ଅତଏବ ଆମେ ଲେଖିପାରିବା ।

ଆୟ = ବସ୍ତୁର ଦାମ୍ $\times$ ବସ୍ତୁର ପରିମାଣ ।

ଗୋଟିଏ ନିର୍ଦ୍ଦିଷ୍ଟ ସମୟରେ ବିକ୍ରେତା ଏକ ନିର୍ଦ୍ଦିଷ୍ଟ ପରିମାଣର ସାମଗ୍ରୀ ବିକ୍ରୟ କରେ ସେଇ ସମୟରେ ବିକ୍ରେତା ପାଇଥିବା ମୋଟ ପଇସା ବା ଟଙ୍କା ହେଉଛି ମୋଟ୍ ଆୟ । ଆମେ ଏହାକୁ ମୋଟ ଆୟ $(TR)$ ହିସାବରେ ନେଲେ ଦାମ୍‌କୁ "$P$" ବା ଦର ହିସାବରେ ଏବଂ "$Q$" ଦ୍ରବ୍ୟର ବିକ୍ରି ପରିମାଣକୁ ହିସାବରେ ନିଆଯାଉ ।

ମୋଟ ଆୟ (TR) = $(P)$ ଦାମ୍ $\times (Q)$ ପରିମାଣ = $(P \times Q)$ ।

**ଉଦାହରଣ :** ଆମ ପରିବ୍ୟୟ ବିଭାଗରେ କୃଷକର ଉଦାହରଣ ସହିତ ଆମେ ବର୍ତ୍ତମାନ ରହିବା । ଧରନ୍ତୁ କୃଷକଟି ୩୦ କ୍ୱିଣ୍ଟାଲ ଧାନ ଉତ୍ପାଦନ କଲା । ଧରି ନିଆଯାଉ ଧାନ କ୍ୱିଣ୍ଟାଲର ଦାମ ବଜାରରେ କ୍ୱିଣ୍ଟାଲ ପ୍ରତି ୧୬୦୦ଟଙ୍କା ଯଦି ଚାଷିଟି ଧାନତକ ବିକ୍ରୀ କରିବ ତେବେ ସେ ପାଇବ ୧୬୦୦ **X** ୩୦ = ୪୮୦୦୦ ଟଙ୍କା ଅତଏବ ତାର ମୋଟ ଆୟ ୪୮୦୦୦ଟଙ୍କା । ଆମେ ଏ ଉଦାହରଣର ଏକଥା ଜାଣିଲେ ଯେ ଆୟ ହେଉଛି ଉତ୍ପାଦକ ବା ବିକ୍ରେତାର ଉତ୍ପାଦନର ମୁଦ୍ରାମୂଲ୍ୟ । ମୋଟ ଆୟକୁ ଅନ୍ୟ ଅର୍ଥରେ କହିଲେ ଏହା ମୋଟ ବିକ୍ରୀର ମୂଲ୍ୟ/ପ୍ରାପ୍ତି କାରଣ ଆୟ ଆମେ ବସ୍ତୁ ବା ଦ୍ରବ୍ୟକୁ ବିକିଲେ ହିଁ ପାଇଥାଉ । ଏହାକୁ ମଧ୍ୟ ବସ୍ତୁର ମୋଟ ବିକ୍ରୀଲବ୍ଧ ପ୍ରାପ୍ତି କୁହାଯାଏ ।

## ପାଠଗତ ପ୍ରଶ୍ନାବଳୀ ୮.୩

୧. ଜଣେ ବିକ୍ରେତା ୧କ୍ୱିଣ୍ଟାଲ ଗହମ ବ୍ରିକୀକଲେ । ଗହମର କେଜି ପ୍ରତି ମୂଲ୍ୟ ଦାମ ୧୫ଟଙ୍କା ତେବେ ତାଙ୍କ ମୋଟ ଆୟ କେତେ ?



ଟିପ୍ପଣୀ

ଏକଥା ମନେରଖ ଯେ, ପ୍ରତ୍ୟେକ ବସ୍ତୁର ଦାମ ଅଛି । ଜଣେ ଖୁଚୁରା ବିକ୍ରେତା କ୍ରେତା ମାନଙ୍କୁ ବହୁତ ପ୍ରକାରର ସାମଗ୍ରୀ ବିକ୍ରୟ କରିଥାନ୍ତି । ଗୋଟିଏ ବ୍ୟବସ୍ଥା ଭଣ୍ଡାର ଅବା ମନୋହରୀ ଦୋକାନ କଥା ନିଆଯାଉ । ଜଣେ ବିକ୍ରେତା ତାର ସକଳ ବ୍ୟବସ୍ଥା ସାମଗ୍ରୀ ଥିବା ଭଣ୍ଡାରରେ ବିଭିନ୍ନ ପ୍ରକାର ସାମଗ୍ରୀ ବିକ୍ରୟ କରନ୍ତି । ଯଥା : ଚାଉଳ, ଗହମ, ଅଟା, ବିଭିନ୍ନ ପ୍ରକାରର ଡାଲି, ବିସ୍କୁଟ, ଖାଇବା ତେଲ ଆଦି । ସେଇଥିରେ ଆମେ ବିଭିନ୍ନ ପ୍ରକାରର ଋଉଳ ଯଥା- ବାସୁମତି, ପରମଲ, ସେଲା, ସେହିପରି ଯଥା ରିଫାଇନ୍, ଭେଜିଟେବୁଲ ତେଲ, ସୂର୍ଯ୍ୟମୁଖୀ ତେଲ ସୋରିଷ ତେଲ, ସୋୟାବିନ୍ ତେଲ ଆଦି ମଧ୍ୟ ପାଇବା ଏବଂ ଆହୁରି ଅନେକ କିଛି । ଜଣେ ଖୁଚୁରା ବିକ୍ରେତା ବିଭିନ୍ନ ପ୍ରକାରର ଜିନିଷ ବିକ୍ରୀ କରିଥାନ୍ତି ଏବଂ ଗୋଟିଏ ଜିନିଷର ବିଭିନ୍ନ କିସମର ମଧ୍ୟ ବିକ୍ରୟ କରିଥାନ୍ତି । ତେବେ ତାଙ୍କର ମୋଟ ଆୟ ଏକ ସପ୍ତାହ ପରେ କେତେ ହେବ ।

ଏହାର ଉତ୍ତର ଖୁବ୍ ସହଜ । ପ୍ରଥମେ ଏକ ସପ୍ତାହରେ ସେ ବିକ୍ରୀ କରୁଥିବା ଜିନିଷ ଗୁଡ଼ିକର ଦାମର ଏକ ସୂଚୀ ତିଆରି କର, ତାପରେ କେତେ ପରିମାଣର ସାମଗ୍ରୀ ବିକ୍ରୀକଲେ ତାର ଏକ ତାଲିକା କର । ତୃତୀୟରେ ସେଇ ସପ୍ତାହରେ ଦୋକାନୀଙ୍କର ମୋଟ ଆୟ କେତେ ହେଲା ବାହାର କର । ଆମେ ଏହାକୁ ନିମ୍ନମତେ ପ୍ରମାଣ ବା ଦର୍ଶାଇ ପାରିବା ।

**ଉଦାହରଣ :**

ଧରି ନିଆଯାଉ ଦୋକାନୀ ୧୦୦କେ.ଜି ବାସମତି ଚାଉଳ ବିକିଲେ, ୭୦ ଲିଟର ସୂର୍ଯ୍ୟମୂଖୀ ତେଲ, ୧୦୦ ପ୍ୟାକେଟ୍ ବିସ୍କୁଟ, ୧୫୦ କେ.ଜି. ଅଟା । ସେ ସପ୍ତାହରେ ବିକିଲେ ବାସମତି ଚାଉଳ ଦାମ ୩୫ଟଙ୍କା, ସୂର୍ଯ୍ୟମୂଖୀ ତେଲ ୯୦ଟଙ୍କା, ବିସ୍କୁଟ ପ୍ୟାକେଟ ୧୦ଟଙ୍କା ଅଟା କେଜି ୨୨ଟଙ୍କା । ଆମେ ବର୍ତ୍ତମାନ ମୋଟ ଆୟକୁ ଏପରି ହିସାବ କରିପାରିବା ।

୧. ମୋଟ ଆୟ ବାସମତି ଚାଉଳ = ୩୫ × ୧୦୦ = ୩୫୦୦

୨. ମୋଟ ଆୟ ସୂର୍ଯ୍ୟମୁଖୀ ତେଲ = ୯୦ × ୭୦ = ୬୩୦୦

୩. ମୋଟ ଆୟ ଅଟା ବିକ୍ରୀ ଆୟ = ୨୨ × ୧୫୦ = ୩୩୦୦

୪. ମୋଟ ଆୟ ବିସ୍କୁଟ ଆୟ = ୧୦ × ୧୦୦ = ୧୦୦୦

ସମସ୍ତ ସାମଗ୍ରୀରୁ ମୋଟ ଆୟ = ୧୪୧୦୦ ଟଙ୍କା

ସେଇ ସପ୍ତାହରେ ସମସ୍ତ ଜିନିଷ ବା ସାମଗ୍ରୀର ମୋଟ ଆୟ ହେଉଛି ୧୪୧୦୦ଟଙ୍କା

## ୮.୬ ହାରାହାରି ଆୟ ଓ ସୀମାନ୍ତ ଆୟ : (A.R & M.R)

**ହାରାହାରି ଆୟ** $(AR)$

$AR$ =ହାରାହାରି ଆୟକୁ ହିସାବରେ ନିଆଯାଇଛି । $TR$ =ମୋଟ ଆୟରୁ ହିସାବ କରାଯାଏ । ହାରାହାରି ଆୟର ସୂତ୍ର ହେଉଛି : ହାରାହାରି ଆୟ = $\frac{\text{ମୋଟ ଆୟ}}{\text{କେତେ ପରିମାଣର ବିକ୍ରୀ}}$

ସାଙ୍କେତିକ ଭାଷାରେ $AR = TR/Q$ । $AR$ = ହାରାହାରି ଆୟ, $TR$ =ମୋଟ ଆୟ

$TR = P \times Q$ , $P$ =ଦାମ୍, $Q$ =ଦ୍ରବ୍ୟର ପରିମାଣ

ସୂଚନାରେ = $\frac{\text{ମୋ:ଆୟ}}{\text{ଦ୍ରବ୍ୟର ବିକ୍ରି ଲବ୍ଧ ପରିମାଣ}}$

ଗୋଟିଏ ନିର୍ଦ୍ଦିଷ୍ଟ ଦ୍ରବ୍ୟର ଉଦାହରଣ ନିଆଯାଉ ଆମେ ଜାଣୁଯେ ମୋ: ଆ: = ଦାମ୍ × ପରିମାଣ

ଏଣୁ ହାରାହରି ଆୟ = ଦାମ୍ $\times \frac{\text{ପରିମାଣ}}{\text{ପରିମାଣ}}$ = ଦାମ୍

ହାରାହାରି ଆୟ ଏବଂ ଦାମ ଗୋଟିଏ ବସ୍ତୁର ଏକ ଓ ସମାନ

## ସୀମାନ୍ତ ଆୟ (*MR*)

ସୀମାନ୍ତ ଆୟ କହିଲେ ବିକ୍ରୀରେ ଗୋଟିଏ ଏକକର ବୃଦ୍ଧି ଘଟିଲେ ମୋଟ ଆୟରେ ଯେଉଁ ବୃଦ୍ଧି ଘଟିଥାଏ ତାହାକୁ ବୁଝାଏ । ଏହି କଥାକୁ ଉଦାହରଣରେ ବୁଝିବା । ଧରନ୍ତୁ ବିକ୍ରେତା ବିକ୍ରୀକୁ ୨୦ କେ.ଜି.କୁ ବୃଦ୍ଧିକଲେ । ସେ କ୍ଷେତ୍ରରେ ମୋଟ ଆୟ ୫୦ × ୨୧ = ୧୦୫୦ଟଙ୍କା । ପୂର୍ବରୁ ଯେତେବେଳେ ବିକ୍ରୀ ୨୦ କେ.ଜି. ଥିଲା ମୋଟ ଆୟ ୧୦୦୦ ଟଙ୍କା ଥିଲା । ଅତଏବ ସୀମାନ୍ତ ଆୟ = ୧୦୫୦ – ୧୦୦୦ = ୫୦ଟଙ୍କା ଆମେ ଏକ ସାରଣୀରେ ଏହା ଜାଣିପାରିବା ।

| ବିକ୍ରୟ ଉତ୍ପାଦନ (କେ.ଜି.) | ଦାମ ବା *AR* (କେ.ଜି. ପ୍ରତି ଦାମ) | ହାରାହାରି ଆୟ (ଟଙ୍କାରେ) | ସୀମାନ୍ତ ଆୟ (ଟଙ୍କାରେ) |
|---|---|---|---|
| ୨୦ | ୫୦ | ୧୦୦୦ | ....... |
| ୨୧ | ୫୦ | ୧୦୫୦ | ୫୦ |

### ସୀମାନ୍ତ ଆୟ ଓ ହାରାହାରି ଆୟର ତୁଳନା (A.R. & M.R/ Comparison)

ଏକଥା ମନେ ରଖିବାକୁ ହେବ ଯେ, ହାରାହାରି ଆୟ ପ୍ରତ୍ୟେକ ବସ୍ତୁର ବିକ୍ରୀରୁ ଆମେ ହିସାବ କରିପାରିବା । କିନ୍ତୁ ସୀମାନ୍ତ ଆୟ ଆମେ ପରସ୍ପର ଦୁଇଟି ବିକ୍ରୟ ସ୍ତରରୁ ନିର୍ଦ୍ଧାରଣ କରିପାରିବା । ହାରାହାରି ପରିବ୍ୟୟ ଓ ସୀମାନ୍ତ ପରିବ୍ୟୟ ପରି ଏହା ସମାନ ।

### ଏକ ଗୁରୁତ୍ୱପୂର୍ଣ୍ଣ ନୀରିକ୍ଷଣ / ଦୃଷ୍ଟାନ୍ତ

ଉଦାହରଣରେ ଆମେ ଦେଖିଲେ ଯେ, ଯଦି ବିକ୍ରେତା ପରପର ଦୁଇଟିକୁ ବା ପରିମାଣକୁ ସମାନ ଦରରେ ବା ନିର୍ଦ୍ଧିଷ୍ଟ ଦରରେ ବିକ୍ରୟ କରିପାରୁଛି ତେବେ ହାରାହାରି ଆୟ ଏବଂ ସୀମାନ୍ତ ଆୟ ସମାନ ରହୁଛି । ଏହା ସୂଚୀତ କରୁଛି ଯେ, ଯଦି ବଜାରରେ ଦାମ୍ ପରିବର୍ତ୍ତିତ ହେବ ତେବେ ହାରାହାରି ଆୟ ସୀମାନ୍ତ ଆୟ ପରସ୍ପର ଠାରୁ ଭିନ୍ନ ହେବ ବା ଅଲଗା ହେବ ।

**ଉଦାହରଣ:**

୧ କେ.ଜି. ଚାଉଳିଆର ଦାମ ୫୦ଟଙ୍କା । ବିକାଳିଟିଏ ୨୦କେ.ଜି. ଚାଉଳିଆ ଦୁଇ ଦିନରେ ବିକିଲା । ତାର ହାରାହାରି ଆୟକେତେ ?

**ଉତ୍ତର:** ମୋଟ ଆୟ ୫୦ × ୨୦=୧୦୦୦ଟଙ୍କା ଯେଉଁଥିରେ ପରିମାଣ ୨୦ କେ.ଜି.

ଅତଏବ : ହାରାହାରି ଆୟ = $\frac{୧୦୦୦}{୨୦}$ = ୫୦ଟଙ୍କା

ଦେଖ ଯେ ପ୍ରତି କେ.ଜି. ଦାମ ୫୦ଟଙ୍କା ଏବଂ ହାରାହାରି ଆୟ = ୫୦ଟଙ୍କା

**ଉଦାହରଣ:** ଏଇ ଉଦାହରଣରେ ଆମେ ଦେଖିବା ଯଦି ବିକାଳି ୨୧ କେ.ଜି. ଚାଉଳିଆ ବିକିବ ସେଇ ଏକା ଦାମ୍‌ରେ ତେବେ ତାର ସୀମାନ୍ତ ଆୟ କେତେ ?

**ଉତ୍ତର:** ମୋଟ ଆୟ = ୫୦ × ୨୧ = ୧୦୫୦ ଟଙ୍କା, ପୂର୍ବରୁ ଏହା ୧୦୦୦ ଟଙ୍କା ଥିଲା ଏଣୁ ସୀମାନ୍ତ ଆୟ = ୧୦୫୦ - ୧୦୦ = ୫୦ଟଙ୍କା

**ଉଦାହରଣ:** ଜଣେ ଦୋକାନୀ ୧୦ କେ.ଜି. ଚାଉଳ କିଲୋ ପ୍ରତି ୩୦ଟଙ୍କାରେ ବିକିଲା ଏବଂ ୧୧ କେ.ଜି. ଚାଉଳ ୨୯ଟଙ୍କାରେ ବିକିଲା ତେବେ ତାର ସୀମାନ୍ତ ଆୟ କେତେ ?

**ଉତ୍ତର:** ପ୍ରଥମଟିରେ ମୋଟ ଆୟ = ୧୦ × ୩୦ = ୩୦୦

ଦ୍ୱିତୀୟଟିରେ ମୋଟ ଆୟ = ୧୧ × ୨୯ = ୩୧୯

ଏଣୁ ସୀମାନ୍ତ ଆୟ = ୩୧୯ - ୩୦୦ = ୧୯ ଟଙ୍କା

## ପାଠଗତ ପ୍ରଶ୍ନାବଳୀ ୮.୪

୧. ହାରାହାରି ଆୟ ଏବଂ ବସ୍ତୁର ଦାମ ମଧ୍ୟରେ ତାରତମ୍ୟ କ'ଣ ?

୨. ମୋଟ ଏବଂ ହାରାହାରି ଆୟ କିପରି ସଂପର୍କିତ ?

## ୮.୭ ଆୟ ଏବଂ ପରିବ୍ୟୟର ପ୍ରୟୋଗ ଓ ଉପଯୋଗୀତା

ଉଭୟ ଆୟ ଏବଂ ପରିବ୍ୟୟ ଅର୍ଥନୀତିରେ ଗୁରୁତ୍ୱପୂର୍ଣ୍ଣ ଧାରଣା । ଯେଉଁଠି ପରିବ୍ୟୟ ହେଉଛି କୌଣସି ସାମଗ୍ରୀ ବା ସେବା ଉତ୍ପାଦନ ପାଇଁ ବହନ କରାଯାଉଥିବା ଖର୍ଚ୍ଚ । ସେଇଠି ଆୟ ହେଉଛି ମୁଦ୍ରାର ଅର୍ଜନ ଯାହା ବିକ୍ରେତା ସେ ସେବା ବା ସାମଗ୍ରୀକୁ ବିକ୍ରୟ ପରେ ପାଏ । ତେଣୁ ପରିବ୍ୟୟ ହେଉଛି ଉତ୍ପାଦକର ତ୍ୟାଗ ଓ ଆୟ ବା ଅର୍ଜନ ହେଉଛି ଭୋଗ । ଦ୍ରବ୍ୟ / ସାମଗ୍ରୀ ବିକ୍ରୀରୁ ଆବଶ୍ୟକୀୟ ଆୟ ପାଇ ଉତ୍ପାଦକ ପୂର୍ବରୁ କରିଥିବା ପରିବ୍ୟୟ ଭରଣା କରିବାରେ ସକ୍ଷମ ହୁଏ । ସେହି କ୍ଷେତ୍ରରେ ଆମେ କହୁ ଯେ ଉତ୍ପାଦନକାରୀ ତାର ଉଚିତ୍ ପ୍ରାପ୍ୟ ଅର୍ଜନ କରେ ଯାହାକୁ ଆମେ ଲାଭ କହିଥାଉ । ଆମେ ଏହା ନିରୁପଣ କଲେ ଯେ ଲାଭ ହେଉଛି ଆୟ ସେହି ଉଦ୍‌ବୃତ୍ତ ଯାହା ସମୁଦାୟ ବ୍ୟୟ । ଖର୍ଚ୍ଚ ଭରଣାପରେ ଆମକୁ ମିଳେ ।

ଲାଭ= ମୋଟ ଆୟ – ମୋଟ ପରିବ୍ୟୟ

## ପାଠଗତ ପ୍ରଶ୍ନାବଳୀ ୮.୫

୧. ଯଦି ଉତ୍ପାଦନ ୫୦ଟି ଏକକ, ପ୍ରତିଟିର ଦାମ ୧୦ଟଙ୍କା, ସ୍ଥିର/ସ୍ଥାୟୀ ପରିବ୍ୟୟ ହେଉଛି ୧୧୦ଟଙ୍କା, ପରିବର୍ତ୍ତନଶୀଳ ପରିବ୍ୟୟ ହେଉଛି ୧୫୦ଟଙ୍କା ତେବେ ଲାଭ ପରିମାଣ କେତେ ?

## ତୁମେ କ'ଣ ଶିଖିଲ ?

- ପରିବ୍ୟୟ ହେଉଛି ସେହି ଖର୍ଚ୍ଚ ଯାହାକୁ ଉତ୍ପାଦନ ପ୍ରକ୍ରିୟାରେ ସେବା ଓ ସାମଗ୍ରୀ ଉତ୍ପାଦନ ପାଇଁ ବହନ କରିବାକୁ ପଡିଥାଏ ।
- ସ୍ଥିର/ସ୍ଥାୟୀ ପରିବ୍ୟୟ, ସ୍ଥାୟୀ ବା ସ୍ଥିର ଉତ୍ପାଦନର ଉପାଦାନ ପାଇଁ ହେଉଥିବା ଖର୍ଚ୍ଚକୁ ବୁଝାଏ ।
- ପରିବର୍ତ୍ତନୀୟ ପରିବ୍ୟୟ କହିଲେ, ପରିବର୍ତ୍ତନୀୟ ଉପାଦାନ ପାଇଁ ହେଉଥିବା ଖର୍ଚ୍ଚ ।
- ପ୍ରକାଶ୍ୟ ପରିବ୍ୟୟ ହେଉଛି ଉତ୍ପାଦନକାରୀ ଉତ୍ପାଦନପାଇଁ ଯେଉଁ ମୁଦ୍ରାଗତ ଖର୍ଚ୍ଚ ବହନ କରନ୍ତି ।
- ଲୁକ୍‌କାୟିତ ବା ଅପ୍ରକାଶ୍ୟ ପରିବ୍ୟୟ ହେଉଛି ନିଜେ ଯୋଗାଇଥିବା ବା ଆତ୍ମଯୋଗାଣ ଉପାଦାନର ମୂଲ୍ୟ ।
- ହାରାହାରି ପରିବ୍ୟୟ ହେଉଛି ପ୍ରତିଟି ଏକକ ଉତ୍ପାଦନ ପାଇଁ ବହନ କରାଯାଉଥିବା ଖର୍ଚ୍ଚ ।
- ଆୟ ହେଉଛି ଜଣେ ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ପରିମାଣର ସାମଗ୍ରୀ ଏକ ନିର୍ଦ୍ଦିଷ୍ଟ ଦାମରେ ବିକ୍ରୟଦ୍ୱାରା ପାଉଥିବା ପ୍ରାପ୍ୟ ।



ଟିପ୍ପଣୀ

- ହାରାହାରି ଆୟ = $\frac{\text{ମୋଟ ଆୟ}}{\text{ପରିମାଣ}}$
- ସୀମାନ୍ତ ଆୟ କହିଲେ ମୋଟ ଆୟର ସେଇ ପରିବର୍ତ୍ତନକୁ ବୁଝାଇବା ଯାହା ଅଧିକା ବା ଆଉ ଗୋଟିଏ ଏକକର ବିକ୍ରୟ ଫଳରେ ବଦଳି ଥାଏ ।
- ଲାଭ = ମୋଟ ଆୟ - ମୋଟ ପରିବ୍ୟୟ



## ଅନ୍ତିମ ପ୍ରଶ୍ନାବଳୀ

୧. ସ୍ଥାୟୀ / ସ୍ଥିର ପରିବ୍ୟୟ ଓ ପରିବର୍ତ୍ତନୀୟ ପରିବ୍ୟୟର ତାରତମ୍ୟ ଦର୍ଶାଅ ?

୨. ପ୍ରକାଶ୍ୟ ଓ ଅପ୍ରକାଶ୍ୟ / ଲୁକ୍‌କାୟିତ ପରିବ୍ୟୟ ପରିବ୍ୟୟର ଭିନ୍ନତା ଦର୍ଶାଅ ?

୩. ମୋଟ ପରିବ୍ୟୟ ଓ ହାରାହାରି ପରିବ୍ୟୟ କିପରି ହିସାବ କରିବ ?

୪. ମୋଟ ଆୟ ଓ ହାରହାରି ଆୟ କିପରି ହିସାବ କରାଯାଇପାରିବ ?

୫. ଆୟ ଏବଂ ବ୍ୟୟ ମଧ୍ୟରେ ଫରକ କ'ଣ ? କାହିଁକି ଜଣେ ଉତ୍ପାଦନକାରୀ ଏହାକୁ ହିସାବକୁ ନେବ ?



## ପାଠଗତ ପ୍ରଶ୍ନାବଳୀର ଉତ୍ତର

### ପାଠଗତ ପ୍ରଶ୍ନ ୮.୧

୧. ଭୂମି - ଖଜଣା

ଶ୍ରମ - ମଜୁରୀ

ଟ୍ରାକ୍ଟର ସେବା - ଖଜଣା (ରେଣ୍ଟ) ଏବଂ ଅନ୍ୟାନ୍ୟ କଞ୍ଚାମାଲ ଓ ସାମଗ୍ରୀ ପାଇଁ

୨. ଉତ୍ପାଦକ ପରିବ୍ୟୟ ବହନ କରିଥାଏ ।

### ପାଠଗତ ପ୍ରଶ୍ନ ୮.୨

୧. ମୋଟ ପରିବ୍ୟୟ = ମୋଟ ସ୍ଥିର ପରିବ୍ୟୟ + ମୋଟ ପରିବର୍ତ୍ତନଶୀଳ ପରିବ୍ୟୟ

= ୧୮୦ + ୩୦୦

ହାରାହାରି ପରିବ୍ୟୟ = $\frac{\text{ମୋଟ ପରିବ୍ୟୟ}}{\text{ମୋଟ୍ ଉତ୍ପାଦର ପରିମାଣ}}$

= $\frac{\text{୪୮୦}}{\text{୪୮}}$ = ୧୦ଟଙ୍କା ପ୍ରତିଟି ପାଇଁ

୨. ପ୍ରକାଶ୍ୟ ପରିବ୍ୟୟ କହିଲେ ଏକ ଦ୍ରବ୍ୟ ବା ସାମଗ୍ରୀକୁ ଉତ୍ପାଦନ କରିବାପାଇଁ ଉତ୍ପାଦକ ବହନ କରୁଥିବା ମୁଦ୍ରାଜନିତ ଖର୍ଚ୍ଚକୁ ବୁଝାଏ ।

୩. ମୋଟ ପରିବ୍ୟୟ = ୧୮୦ + ୩୦୭ = ୪୮୭
ସୀମାନ୍ତ ପରିବ୍ୟୟ = ୪୮୭ - ୪୮୦ = ୭ ଟଙ୍କା

### ପାଠଗତ ପ୍ରଶ୍ନ ୮.୩

୧. ମୋଟ ଆୟ = ୧୦୦ କେ.ଜି. × ଟ'୧୫ = ଟ'୧୫୦୦ଙ୍କା

### ପାଠଗତ ପ୍ରଶ୍ନ ୮.୪

୧. ହାରାହାରି ଆୟ କହିଲେ ପ୍ରତିଟି ଏକକର ଆୟକୁ ବୁଝାଇବ । ବସ୍ତୁଟିର ଦାମ ବିକ୍ରେତା ଏକକ ସାମଗ୍ରୀ ବିକ୍ରୟକରି ପାଉଥିବା ପ୍ରାପ୍ୟର ପରିମାଣ ।
ଅତଏବ = ହାରାହାରି ଆୟ = ଦାମ୍

୨. ମୋଟ ଆୟ = ଦ୍ରବ୍ୟର ପରିମାଣ × ଦାମ

$$\text{ହାରାହାରି ଆୟ} = \frac{\text{ମୋଟ ଆୟ}}{\text{ଦ ବ୍ୟରପରିମାଣ}}$$

$$= \frac{\text{ପରିମାଣ} \times \text{ଦାମ}}{\text{ପରିମାଣ}}$$

= ଦାମ୍ (ବସ୍ତୁଟିର ଦାମ୍)
ଏଣୁ । ଅତଏବ ହାରାହାରି ଆୟ = ଦାମ୍

### ପାଠଗତ ପ୍ରଶ୍ନ ୮.୫

ଲାଭ = ୨୪୦ ଟଙ୍କା